ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK पर्यवेक्षक

Vol.26 . No.41 Bhubaneswar Saturday March 18 2023 | ୨୬ତମ ବର୍ଷ ସଂଖ୍ୟା–୪୧ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS

# ସରକାରୀ ଜମି ବନ୍ଧା ଦେଇ ଋଣ ନେଇଛନ୍ତି ୩୮ ଶିଳ୍ପ ସଂସ୍ଥା:
# ଜିନ୍ଦଲ, ଭୂଷଣ ଓ ବେଦାନ୍ତ ଦେଇଛନ୍ତି ସବୁଠୁ ବେଶୀ



ଭୁବନେଶ୍ୱର,୧୭।୩(ପି.ଏନ): ରାଜ୍ୟରେ ଶିଳ୍ପ ସ୍ଥାପନ କରିବା ନିମନ୍ତେ ଇଡକୋ ମାଧ୍ୟମରେ ସରକାରୀ ଜମି ନେଇ ୩୮ଟି ଶିଳ୍ପ ସଂସ୍ଥା ତାକୁ ବ୍ୟାଙ୍କରେ ବନ୍ଧା ପକାଇ ଋଣ ନେଇଛନ୍ତି । ଏହି ୩୮ଟି ପ୍ରମୁଖ ଶିଳ୍ପ ସଂସ୍ଥା ମଧ୍ୟରେ ଜିନ୍ଦଲ ଷ୍ଟିଲ ଓ ପାୱାର, ଭୂଷଣ ପାୱାର,ବେଦାନ୍ତ ଓ ହିଣ୍ଡାଲକୋ ଅଧିକ ପରିମାଣର ଜମି ବନ୍ଧା ପକାଇଛନ୍ତି । ଆଉ ଏସବୁ ଜମି ବନ୍ଧା ରଖିବା ନିମନ୍ତେ ଇଡକୋ ମଧ୍ୟ ଅନାପତ୍ତି ପ୍ରମାଣ ପତ୍ର(ଏନଓସି) ଯୋଗାଇ ଦେଇଛି । ଯଦିଓ ୨୦୧୪ ମସିହାରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) ନିଜର ରିପୋର୍ଟ ପ୍ରଦାନ କରି ଶିଳ୍ପ ସଂସ୍ଥାଗୁଡିକ ସେମାନଙ୍କୁ ଆବଂଟିତ ଇଡକୋ ଜମିକୁ ବନ୍ଧା ପକାଇବା ଉପରେ ଆପତ୍ତି ଉଠାଇଥିଲେ ଓ ଏନେଇ ନିର୍ଦ୍ଦିଷ୍ଟ ଭାବେ ଆଇନ ଆଣିବାକୁ ପରାମର୍ଶ ଦେଇଥିଲେ ।ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଆଜି ବିଧାନସଭାରେ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ଇଡକୋ ଦ୍ୱାରା ଆବଂଟିତ ଜମିକୁ ବନ୍ଧକ ରଖିବା ନିମନ୍ତେ ୩୮ଟି ଶିଳ୍ପ ସଂସ୍ଥାକୁ ଏନଓସି ପ୍ରଦାନ କରାଯାଇଛି । ସେଥିରେ ଅଧିକାଂଶ ଶିଳ୍ପ ସଂସ୍ଥାକୁ ଆବଂଟିତ ଜମିର ପ୍ରାୟ ୯୦ ପ୍ରତିଶତରୁ ଅଧିକ ଜମିକୁ ବନ୍ଧକ ରଖିବାକୁ ଇଡକୋ ପକ୍ଷରୁ ଏନଓସି ଦିଆଯାଇଛି । ଅନୁଗୁଳସ୍ଥିତ ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ଆବଂଟିତ ୪୩୫୧ଏକରରୁ ୨୬୯୬ଏକର ଜମିକୁ ବନ୍ଧା ରଖିବା ପାଇଁ ଇଡକୋ ପକ୍ଷରୁ ଏନଓସି ଦିଆଯାଇଛି ।

## ୨୧ରେ ଓଡିଶା ଗସ୍ତରେ ଆସିବେ ମମତା ବାନାର୍ଜୀ

କୋଲକାତା/ଭୁବନେଶ୍ୱର, ୧୭।୩(ପି.ଏନ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସନ୍ତା ୨୧ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ସୂଚନା ଅନୁଯାୟୀ, ମମତା ମାର୍ଚ୍ଚ ୨୧ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଂଚିବେ। ସେହି ଦିନ ରାତିରେ ସେ ଭୁବନେଶ୍ୱରରେ ରହିବେ। ତା'ପର ଦିନ ସେ ପୁରୀ ଯିବେ। ପୁରୀରେ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଦର୍ଶନ କରିବେ। ତେବେ ମାର୍ଚ୍ଚ ୨୩ ତାରିଖରେ କୋଲକାତା ଫେରିଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ତୃଣମୂଳ କଂଗ୍ରେସ ସୂତ୍ରରୁ ପ୍ରକାଶ। ସୂଚନା ଅନୁଯାୟୀ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସହିତ ମୁକାବିଲା କରିବା ପାଇଁ ମମତା ବାନାର୍ଜୀ ଆଂଚଳିକ ଦଳଗୁଡ଼ିକୁ ନେଇ ମେଣ୍ଟ କରିବାକୁ ଯୋଜନା କରୁଛନ୍ତି।

# ବିଦ୍ୟୁତ ବିଲ୍‌କୁ ନେଇ ଗୃହରେ ଉଦ୍‌ବେଗ: ମନ୍ତ୍ରୀ କହିଲେ- ମାଗଣାରେ ଦେଲେ ଶ୍ରୀଲଙ୍କା ଭଳି ସ୍ଥିତି ହେବ



ଭୁବନେଶ୍ୱର,୧୭।୩(ପି.ଏନ): ଆଜି ବିଧାନସଭାରେ ଉଠିଥିଲା ଟାଟା ପାୱାରର ବିଦ୍ୟୁତ ଶୁଳ୍କ ଆଦାୟ ପ୍ରସଙ୍ଗ। ବିରୋଧୀ ବିଜେପି ଓ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇ ଉଦ୍ ?ବେଗ ପ୍ରକାଶ କରିଥିଲେ। ମୁଲତବୀ ଆଲୋଚ୍ନା ବେଳେ ରାଜ୍ୟ ସରକାରଙ୍କ ଦାୟିତ୍ୱ ଓ ଟାଟା ପାୱାରର ଆଭିମୁଖ୍ୟକୁ ନେଇ ବିରୋଧୀ ବର୍ଷିଥିଲେ। ବିରୋଧୀଙ୍କୁ ଜବାବ ଦେବାକୁ ଯାଇ ମନ୍ତ୍ରୀ କହିଥିଲେ, ମାଗଣା ଦେଲେ ଶ୍ରୀଲଙ୍କା ଭଳି ସ୍ଥିତି ହେବ ।ମୂଲତବୀ ଆଲୋଚ୍ନା ବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଥିଲେ, ଉପଭୋକ୍ତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନଦେଇ ତର୍ଣ୍ଣି ଚ୍ରିପି ବିଲ୍ ଆଦାୟ କରାଯାଉଛି। ବିଦ୍ୟୁତ ସଂସ୍କାରରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଥିବା ବେଳେ ସରକାରଙ୍କ ଭୁଲ୍‌ନୀତି ଓ ବିଭାଗୀୟ ଅପାରଗତା ପାଇଁ ବିଜୁଳି ଦର ବଢୁଛି। ଜାତୀୟ ହାର ୟୁନିଟ ପିଛା ୫ ଟଙ୍କା ୧୧ ପଇସା ଥିବା ବେଳେ ରାଜ୍ୟରେ ୫.୨୨ ପଇସା ରହିଛି। ପରିଚ୍ଳାଳନା ଗତ ତ୍ରୁଟି ପାଇଁ ହେଉଥିବା ବାଣିଜ୍ୟିକ କ୍ଷତିକୁ ଗ୍ରାହକଙ୍କ ଉପରେ ଲଦା ଯାଉଛି। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଦାୟୀତ୍ୱ ନିର୍ବାହରେ ଫେଲ୍ ? ମାରିଛି। ଅକ୍ଷୟ ଶକ୍ତିକୁ ଗୁରୁତ୍ୱ ନଦେଇ ତାପଜ ବିଦ୍ୟୁତ ଉପରେ ନିର୍ଭରଶୀଳ ବଢୁଥିବାରୁ ଦର କମୁନାହିଁ ବୋଲି ମୋହନ ମାଝୀ କହିଥିଲେ।

## ଦିଲେଶ୍ୱର ସାହୁ ହତ୍ୟା ମାମଲାରେ ଜୟନାରାୟଣଙ୍କୁ ଜାମିନ୍

ଭୁବନେଶ୍ୱର, ୧୭।୩(ପି.ଏନ): ବିଜେପୁର ଦିଲେଶ୍ୱର ସାହୁ ହତ୍ୟା ମାମଲାରେଭୁବନେଶ୍ୱର ସ୍ୱତନ୍ତ୍ର ଏଡିଜେ କୋର୍ଟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଜୟନାରାୟଣଙ୍କ ସହ ଅନ୍ୟ ୧୧ ଜଣଙ୍କୁ ମଧ୍ୟ ଜାମିନ୍ ମିଳିଛି। ଜେଏମ୍‌ଏଫ୍‌ସି ସୋହେଲା କୋର୍ଟରୁ ମାମଲାଟି ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତରିତ ହୋଇଛି। ପୂର୍ବରୁ ଜେଏମ୍‌ଏଫ୍‌ସି ସୋହେଲା କୋର୍ଟରୁ ମଧ୍ୟ ଜୟନାରାୟଣ ଜାମିନ ପାଇଥିଲେ। ତଳ କୋର୍ଟରେ ଯାହା ସର୍ତ୍ତ ରହିଥିଲା ସେହି ସର୍ତ୍ତ କାୟମ ରଖିଛନ୍ତି ଭୁବନେଶ୍ୱର ଏଡିଜେ ସ୍ୱତନ୍ତ୍ର କୋର୍ଟ। ସର୍ତ୍ତ ଅନୁଯାୟୀ ଜୟନାରାୟଣ ରାଜ୍ୟ ବାହାରକୁ ଗଲେ କୋର୍ଟକୁ ଜଣାଇବେ। ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ କୌଣସି ମାମଲାରେ ସଂପୃକ୍ତ ରହିବେ ନାହିଁ। ସାକ୍ଷୀଙ୍କୁ ପ୍ରଭାବିତ କିମ୍ବା ପ୍ରମାଣ ନଷ୍ଟ କରିବେ ନାହିଁ।ସୂଚନା ଥାଉକି, ଗତ ୨୨ ଫେବୃଆରୀ ୨୦୧୮ରେ ବିଜେପୁର ଉପନିର୍ବାଚନର ଦୁଇଦିନ ପୂର୍ବରୁ ବରଗଡ଼ ଜିଲ୍ଲା ବିଜେପୁରରେ ବିଜେଡି କର୍ମୀ ଦିଲେଶ୍ୱରଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସେ ମନ୍ତ୍ରୀ ସୁଶାନ୍ତ ସାହୁଙ୍କ ଭାଇଙ୍କ ଗାଡ଼ି ଡ୍ରାଇଭର ଥିଲେ। ଅଭିଯୋଗ କ୍ରମେ ଜୟନାରାୟଣ ଓ ଅନ୍ୟ ୧୧ ଜଣ ଗିରଫ ମଧ୍ୟ ହୋଇଥିଲେ।

## ମଲ୍ ସିଲ୍ କଲା ବିଏମସି

ଭୁବନେଶ୍ୱର,୧୭।୩(ପି.ଏନ): ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଏକ ସପିଂ ମଲ୍ କୁ ସିଲ୍ କରିଛି ବିଏମସି। ଏହାସହ ୧ ଲକ୍ଷ ଟଙ୍କାର ଜୋରିମାନା ମଧ୍ୟ ଆଦାୟ କରାଯାଇଛି। ସପିଂ ମଲ୍ ପରିସରକୁ ପରିଷ୍କାର ରଖୁ ନଥିବାରୁ ଶୁକ୍ରବାର ସକାଳେ ନୟାପଲ୍ଲୀ ଇସ୍କନର ଅପର ପାର୍ଶ୍ୱରେ ଥିବା ରିଲାଏନ୍ସ ସ୍ମାର୍ଟ କୁ ସିଲ୍ କରାଯାଇଛି। ଆଜିଠୁ ସପ୍ତାହେ ପାଇଁ ସପିଂ ମଲ୍ ବନ୍ଦ ରହିବ। ପୂର୍ବରୁ ସଂପୃକ୍ତ ମଲ୍ କୁ ଅନେକ ଥର ଚେତାବନୀ ଦେଇଥିଲା ବିଏମସି ।

# ବସ୍ ମାଲିକ ସଂଘର ଆନ୍ଦୋଳନ ପ୍ରତ୍ୟାହୃତ: ସ୍ୱାଭାବିକ ହେଲା ବସ୍ ଚଳାଚଳ

ଭୁବନେଶ୍ୱର,୧୭।୩(ପି.ଏନ): ଦୁଇ ଦିନ ପରେ ରାଜ୍ୟରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି। ଶୁକ୍ରବାର ସକାଳେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଆନ୍ଦୋଳନ ପ୍ରତ୍ୟାହୃତ ନେଇ ସୂଚନା ଦେଇଥିଲେ ।ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଗତକାଲି ମୁଖ୍ୟ ଶାସନ ସଚିବଙ୍କ ସହ ଡ୍ରାଇଭର ସଂଘର ଆଲୋଚନା ଫଳପଦ ହୋଇଥିବା ସୂଚନା ମିଳିଥିଲା। ସରକାର ୩ ମାସ ସୁଦ୍ଧା ସେମାନଙ୍କ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ଜାଣିବା ପରେ ଆଜି ବସ୍ ଚଳାଚଳ ସ୍ୱାଭାବିକ ହୋଇଛି। ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କରୁଛି। ଆଉ କେତେକ ସ୍ଥାନକୁ ବସ୍ ଚଳାଚଳ କରି ପାରି ନାହିଁ। ସେହି ସ୍ଥାନକୁ କିପରି ବସ୍ ଚଳାଚଳ କରିବ ଆମେ ପ୍ରସ୍ତୁତ ହେଉଛୁ। ଆମେ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଥିଲୁ। ହେଲେ ଆମେ ଆନ୍ଦୋଳନ କରିବୁ ନାହିଁ। ପରିସ୍ଥିତି ଉପରେ ନଜର ରଖିଛୁ, ଦିନ ଗୋଟାଏ ପରେ ଯାହା ନିଷ୍ପତି ନେବୁ। ବର୍ତମାନ ବସ୍ ଚଳାଚଳ ସ୍ୱାଭାବିକ ରହିଛି ।ସୂଚନାଯୋଗ୍ୟ, ରାଜ୍ୟବ୍ୟାପୀ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁଁ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ୍ ସୁରକ୍ଷା ନଦେବାରୁ ବସ୍ କର୍ମଚାରୀ ଗାଡି ଚଳାଇବାକୁ ଅମଙ୍ଗ ହୋଇଥିଲେ ।ଏଥିପାଇଁ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ କ୍ଲିଅର ନହେଲେ ବସ୍ ଚଳାଚଳ ବନ୍ଦ କରିବୁ ବୋଲି ଚେତାବନୀ ଦେଇଥିଲା ଘରୋଇ ବସ୍ ମାଲିକ ସଂଘ।

# ରାଜ୍ୟରେ ପଶ୍ଚିମା-ଝଡ଼ର ପ୍ରଭାବ ଜାରି

ଭୁବନେଶ୍ୱର, ୧୭।୩(ପି.ଏନ): ରାଜ୍ୟରେ ପଶ୍ଚିମା-ଝଡ଼ର ପ୍ରଭାବ ଜାରି ରହିଛି । ପଶ୍ଚିମା-ଝଡ଼ ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ଝଡ଼ ପବନ ସହ ଘଡ଼ଘଡ଼ି ଏବଂ ବର୍ଷାର ସମ୍ଭାବନା ରହିଛି । ଆସନ୍ତାକାଲି ପର୍ଯ୍ୟନ୍ତ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ସେହିପରି ଗତ ୨୪ ଘଂଟା ମଧ୍ୟରେ କୋରାପୁଟ ଜିଲ୍ଲାର ଲମତାପୁଟରେ ସର୍ବାଧିକ ୬୮.୨ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ କୋରାପୁଟ ଜିଲ୍ଲାର ପଟାଙ୍ଗିରେ ୫୬.୨ ମି.ମି., ଗଞ୍ଜାମ ଜିଲ୍ଲାର ଶେରଗଡ଼ରେ ୫୦.୪ ମି.ମି., କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ିରେ ୩୬.୦ ମି.ମି., ନବରଙ୍ଗପୁରରେ ୨୬.୦ ମି.ମି., କନ୍ଧମାଳ ଜିଲ୍ଲାର ଟିକାବାଲିରେ ୨୬.୦ ମି.ମି., କନ୍ଧମାଳ ଜିଲ୍ଲାର ଖଜୁରିପଡ଼ାରେ ୨୨.୨ ମି.ମି., ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡିରେ ୧୮.୦ ମି.ମି., ରାୟଗଡ଼ା ଜିଲ୍ଲାର ବିଷମ କଟକ ୧୭.୪ ମି.ମି., ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡିରେ ୧୭.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

# ଡ୍ରାଇଭର ଆନ୍ଦୋଳନ ସ୍ଥଗିତ



ଭୁବନେଶ୍ୱର,୧୭।୩(ପି.ଏନ): ରାଇଭର ଆନ୍ଦୋଳନ ସ୍ଥଗିତ। ଏନେଇ ଆଜି ଅପରାହ୍ନରେ ସୂଚ୍ନା ଦେଇଛନ୍ତି ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେନ୍ଦୁଲି। ସେ କହିଛନ୍ତି, ଗତକାଲି ମୁଖ୍ୟ ଶାସନ ସଚ୍ଚିବ ୩ ମାସ ସମୟ ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଆଜି ସମାନ କଥା ସେ ଗଣମାଧ୍ୟମ ଆଗରେ ଦୋହରାଇଛନ୍ତି। ଆନ୍ଦୋଳନ ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ତେଣୁ ଲୋକଙ୍କ ଅସୁବିଧା ଓ ସରକାରଙ୍କ ପ୍ରତିଶ୍ରୁତିକୁ ଦେଖି ଆନନ୍ଦୋଳନ ସ୍ଥଗିତ ରଖାଯାଇଛି। ଦାବି ପୂରଣ ନେଇ ସରକାର ୯୦ ଦିନ ସମୟ ନେଇଛନ୍ତି। ୯୦ରୁ ୯୧ ଦିନ ହେଲେ ଆମେ ଆନ୍ଦୋଳନକୁ ପୁଣି ଓହ୍ଲାଇବୁ। ଲକ୍ଷ ଲକ୍ଷ ଡ୍ରାଇଭର ନବୀନ ନିବାସ ଯିବେ ଓ ସମୂହ ଆତ୍ମାହୁତି ଦେବେ।

# ଅଙ୍ଗୁଳି ଦେଖାଇଲେ ବିରୋଧୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରିଟାୟାଡ୍ ଅଫିସରଙ୍କ କ୍ଲବ୍ ପାଲଟିଛି

ଭୁବନେଶ୍ୱର,୧୭।୩(ପି.ଏନ): ରିଟାୟାର୍ଡ ଅଫିସରଙ୍କ ପୁନଃ ନିଯୁକ୍ତିକୁ ନେଇ ବିବାଦ। ହୁଲସ୍ଥୁଲ ବିଧାନସଭା। ହୋହଲ୍ଲା, ପାଟିତୁଣ୍ଡରେ କଂପିଲା ଗୃହ। ଶୂନ୍ୟକାଳରେ ମୁହାଁମୁହିଁ ବିଜେପି-ବଜେଡି। ଗତକାଲି ଗୋଟିଏ ପଦରେ ଦୀର୍ଘ ବର୍ଷ ଧରି ରହିଥିବା ଅଫିସରଙ୍କୁ ଟାର୍ଗେଟ୍ କରିବା ପରେ, ଆଜି ରିଟାୟାର୍ଡ ଅଫିସରଙ୍କ ପୁନଃ ନିଯୁକ୍ତି ପ୍ରସଙ୍ଗକୁ ନେଇ ଶୂନ୍ୟକାଳରେ ଗର୍ଜିଥିଲେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ଅସିତ୍ ତ୍ରିପାଠୀ, ଆର୍. ବାଲକ୍ରିଷ୍ଣନ୍, ପି.କେ ମହାପାତ୍ର, ଗୋପବନ୍ଧୁ ଦାସ, ଉପେନ୍ଦ୍ର ତ୍ରିପାଠୀଙ୍କ ଭଳି ବହୁ ଅଫିସରଙ୍କ ନାଁ ନେଇ ଅବସର ପରେ ବି ଏମାନଙ୍କୁ ସିଏମ୍‌ଓରେ ପୁନଃନିଯୁକ୍ତି ମିଳୁଥିବାର ଅଭିଯୋଗ କରିଥିଲେ। ଏପରିକି ମନୋଜ ମିଶ୍ର ଇସ୍ତଫା ଦେବା ପରେ ମଧ ତାଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରିଟାୟାଡ୍ ଅଫିସରଙ୍କ କ୍ଲବ୍ ପାଲଟିଲାଣି। ଏହା କ'ଣ ଫାଇଭ୍ ଟି' ଓ ମୋ ସରକାର କି ବୋଲି ପ୍ରଶ୍ନ କରିଥିଲେ ଜୟନରାୟଣ। ଯାହାର ତୀବ୍ର ବିରୋଧ କରି ଜୟନାରାୟଣଙ୍କୁ ଘେରିଯାଇଥିଲା ବିଜେଡି। ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଫିସରେ କଣ ଅବସରପ୍ରାପ୍ତ ଅଧିକାରୀ ନିଯୁକ୍ତି ପାଇ ନାହାଁନ୍ତି କି ବୋଲି ପ୍ରଶ୍ନ କରିଥିଲେ ବିଜେଡି ବିଧାୟକ ଅରୁଣ ସାହୁ। ଧର୍ମେନ୍ଦ୍ରଙ୍କ ସହ ଜୟନାରାୟଣଙ୍କର ବୋଧେ କଳି ଅଛି ତେଣୁ ତାଙ୍କୁ ଅକଳରେ ପକାଇବାକୁ ଜୟନାରାୟଣ ଚେଷ୍ଟା କରୁଥିବା କହି କଟାକ୍ଷ କରିଥିଲେ ଅରୁଣ। ତେବେ ଜୟନରାୟଣଙ୍କୁ ବିଜେଡିର ଏଭଳି ବ୍ୟକ୍ତିଗତ ଆକ୍ଷେପ ପରେ ତାତିଥିଲା ବିଜେପି। ବିଜେପିର ସଦସ୍ୟମାନେ ମଧ୍ୟଭାଗକୁ ଆସି ହୋହଲ୍ଲା କରିବାରୁ ବିଜେଡି ସଦସ୍ୟମାନେ ମଧ ନିଜ ସ୍ଥାନରେ ଛିଡା ହୋଇ ପାଟିତୁଣ୍ଡ କରିଥିଲେ। ଫଳରେ ଗୃହକୁ ମୁଲତବି କରିବାକୁ ପଡିଥିଲା।

# ଚୌଦ୍ୱାର-କଟକ ବିଜୁ ଜନତା ଦଳ ତରଫରୁ ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ମହିଳା ସମାବେଶ



ଭୁବନେଶ୍ୱର,୧୭।୩ (ଆଜି ତା୧୭.୦୩.୨୦୨୩ରିଖ ଓଡିଶାର ମାନ୍ୟବର ମଖୁ ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅପରାହ୍ନ ୩ ଘଟିକା ସମୟରେ ବିଜୁ ଜନତା ଦଳ, ଚୌଦ୍ୱାର କଟକ ତରଫରୁ ମାନ୍ୟବରପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରଭାତ ରଂଜନ ବିଶ୍ୱାଳଙ୍କ ନେତୃତ୍ୱରେ ନିମପୁର ଖେଳ ପଡିଆଠାରେ ଓଡିଶାପ୍ରଗତିରେ ମହାନ ଜନନାୟକ, ପ୍ରବାଦ ପୁରୁଷ, ଆଜନ୍ମ ସ୍ୱାଭିମାନୀ, ଉତ୍କଳର ବରପୁତ୍ର, ଭୂମୀପୁତ୍ର ଓ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ସମ୍ମତି ଜଣାଇ ତାଙ୍କ ୧୦୭ତମ ଜନ୍ମଜୟନ୍ତୀ ଉପଲକ୍ଷେ ମହିଳା ସମାବେଶ ଆୟୋଜନ କରାଯାଇଥିଲା । ସାଢେ ଚାରି କୋଟି ଓଡିଶାବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ବିଜୁ ପଟ୍ଟନାୟକଙ୍କ ଭଳି ତାଙ୍କର ସୁ ପୁତ୍ର, ଆମର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଯକ୍ତୁ ନବୀନ ପଟ୍ଟନାୟକ ଓଡିଶ଼ ।ର ବକି ।ଶକୁ ସବୁ କ୍ଷେତ୍ରରେ ଆଗେଇ ନେଉଛନ୍ତି । ଓଡିଶାର ମହିଳାମାନଙ୍କ ପାଇଁ ମିଶନ ଶକ୍ତି ଜରିଆରେ ଏସ୍.ଏଚ୍.ଜି ଗଠନକରି ମହିଳା ମାନଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ କରିବା ଦିଗରେ ପ୍ରାୟ ସବୁ କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମା ମାନଙ୍କୁ ପ୍ରାଧାନ୍ୟଦେଇଆସୁଛନ୍ତି । ମହିଳା ସଶକ୍ତିକରଣ ଦିଗରେ ମହିଳା ମାନଙ୍କ ପାଇଁ ୫୦%ସ୍ଥାନ ସରକ୍ଷଣ, ମହିଳାଆଗେଇଲେ ରାଜ୍ୟ ଆଗେଇବ, ବିଜେଡି ସବୁ ବେଳେ ମା ମାନଙ୍କ ପାଇଁ କାମ କରିଛି ଓ କରି ଚାଲିବ,ସେମାନେ ସଶକ୍ତ ହୁଅନ୍ତୁ ଓ ଦକ୍ଷ ହୁଅନ୍ତୁ ବୋଲି ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ କହିଥିଲେ। ଏହିକାର୍ଯ୍ୟକ୍ରମରେ ଚୌଦ୍ୱାର - କଟକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସୌଭାଗିନୀ ଜେନାଙ୍କସଭାପତିତ୍ୱରେ ଆୟୋଜିତ ସଭାରେ ଉଦଘାଟକ ଭାବେ ଜିଲ୍ଲା ସଭାପତି ତଥା ବରାବାଟୀ-କଟକରପୂର୍ବତନ ବିଧାୟକ - ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମୁଖ୍ୟ ଅତିଥି ଭାବରେ - ପୂର୍ବତନ ମନ୍ତ୍ରୀ ତଥାମାହାଙ୍ଗାର ବଧି ।ୟକ- ଶ୍ରୀ ଯକ୍ତୁ ପ୍ରତାପ ଜେନା, ସମ୍ମାନନୀୟ ଅତଥି଼ ଭାବେ- ଚୌଦ୍ୱାର-କଟକର ମାନ୍ୟବରବିଧାୟକ- ଶ୍ରୀଯୁକ୍ତ ସୌଭିକ୍ ବିଶ୍ୱାଳ, ମୁଖ୍ୟ ବକ୍ତା- କଟକ ମହାନଗର ନିଗମର ମେୟର- ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ସିଂହ, ବିଶିଷ୍ଟ ଅତିଥି ଭାବରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା- ଶ୍ରୀମୟୀ ମିଶ୍ର,ସମ୍ମାନନୀୟ ଅତିଥି- ଡେପୁଟୀ ମେୟର- ଦମୟନ୍ତୀ ମାଝୀ, ଜିଲ୍ଲା ମହିଳା ସଭାନେତ୍ରୀ- ଅନିତା ବେହେରା,କଟକ ସିଟି ପର୍ଯ୍ୟବେକ୍ଷକ - ସାଇଶ୍ରୀ ପଟ୍ଟନାୟକ, ଚୌଦ୍ୱାର ପୌରପାଳିକାର ନଗର ପାଳ- ମାନସୀସ୍ୱର୍ଣ୍ଣଭା ସାମଲ, ନଗର ମହିଳା ସଭାନେତ୍ରୀ- ପୂର୍ଣ୍ଣିମା ସିଂ, ପୂର୍ବତନ ମେୟର- ମିନାକ୍ଷୀ ବେହେରା,କଟକ ମହାନଗର ନିଗମର ମହିଳା ଜପୋର୍ଟେରଟର ବନ୍ଦୃ , ଚୌଦ୍ୱାର ପୌରପାଳିକାର ମହଳି । କାଉନସିଲରବୃନ୍ଦ, ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ଉପାଧକ୍ଷା -ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଦସ୍ୟା - ଜୋସ୍ନାରାଣୀ ସୁବୁଦ୍ଧିରାୟ, ପାଞ୍ଚାୟତରେ ଥିବା ମହିଳା ସରପଞ୍ଚ, ସମିତିସଭ୍ୟା, କଟକ ଜିଲ୍ଲା ମହିଳା କମିଟିର କର୍ମକର୍ତ୍ତା ବୃନ୍ଦ, ନଗର ମହିଳା କମିଟିର କର୍ମକର୍ତ୍ତା, ସମସ୍ତ ୱାର୍ଡ଼ ଓ ପଞ୍ଚାୟତର ମହିଳା ସଭାନେତ୍ରୀ, ସମ୍ପାଦକ ବୃନ୍ଦ, ମହିଳା କମିଟିର କର୍ମକର୍ତ୍ତା ବୃନ୍ଦଙ୍କ ସହ ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ପଞ୍ଚାୟତ, ଚୌଦ୍ୱାର ପୌରପାଳିକା ଓ କଟକ ମହାନଗର ନିଗରୁ ପ୍ରାୟ ଚାରି ହଜାରରୁ ଉର୍ଦ୍ଧ୍ୱ ମହିଳା କର୍ମୀ ଯୋଗଦେଇଥିଲେ ପରିଶେଷରେ ଚୌଦ୍ୱାର ନଗର ମହିଳା ସଭାନେତ୍ରୀ କବିତା ରାଣୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ ଜିଲ୍ଲାରେ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ଦାବି ଜୋର ଧରିଲା

ଭଦ୍ରକ, ୧୭।୩(ପି.ଏନ): ଭଦ୍ରକ ଜିଲ୍ଲାରେ ଏକ ସରକାର ମେଡ଼ିକାଲ କଲେଜ ସ୍ଥାପନ ପାଇଁ ୧୦ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସରକାରଙ୍କୁ ବାରମ୍ବାର ଦାବିପତ୍ର ଦିଆଯିବା ସଂଗେସଂଗେ ଅନେକ ବାର ଆନ୍ଦୋଳନ କରାଯାଇଛି। ୨୦୧୮ ମସିହାରେ ସମଗ୍ର ଭଦ୍ରକ ଜିଲ୍ଲାକୁ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ସରକାରୀ କର୍ଣ୍ଣପାତ କରି ନାହାନ୍ତି। ଭଦ୍ରକ ଜିଲ୍ଲା ପ୍ରତି ସରକାରଙ୍କ ନକରାତ୍ମକ ମନଭାବ ଓ ବେଖାତିର ପାଇଁ ଜିଲ୍ଲାବାସୀଙ୍କ ମନରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଏହାକୁ ନେଇ ଆଜି ଭଦ୍ରକ ଜିଲ୍ଲା ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଡାକ୍ତର ହରେକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ,ଶାନ୍ତନୁ କୁମାର ରାଉତ,ସୁଧାକର ରାଉତ, ବୈଲୋଚନ ବେହୁରିଆ, ପୂର୍ବତନ ବିଧାୟକ ନରେନ ପଲେଇ, ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର, ଡାକ୍ତର ପ୍ରଦୀପ ନାୟକ, ଡାକ୍ତର ପ୍ରଭାସ ମହାନ୍ତି, ସୁଦର୍ଶନ ବାରିକ, ପ୍ର. ଅଟଳ ବିହାରୀ ନାୟକ, କୈଳାସ ଚନ୍ଦ୍ର ମହାପାତ୍ର, ସନ୍ତୋଷ କୁମାର ଦାସ, ହରମୋହନ ଜେନା, ଡ. ଭାଗବତ ତ୍ରିପାଠୀ, ଲକ୍ଷ୍ମଣ ମହାନ୍ତି, ଅସ୍‌ରଫ୍ ଅଲୀ, ଡ. ଗୋଲକ ବିହାରୀ ସାହୁ, ନାରାୟଣ ଜେନା, ଗୀତାରାଣୀ ଆଇଚ, ଡା. ଦୁର୍ଯ୍ୟୋଧନ ଦାସ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇ ଭଦ୍ରକରେ ମେଡ଼ିକାଲ କଲେଜ ଯେ ପର୍ଯ୍ୟନ୍ତ ପ୍ରତିଷ୍ଠା ପାଇଁ ସରକାର ଘୋଷଣା ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଦିନକୁ ଦିନ ଅସନ୍ତୋଷର ନିଆଁ ଅଧିକ ଯୋର ହେଉଥିବାରୁ ଆନ୍ଦୋଳନକୁ ମଧ ଜୋର୍‌ଦାର୍ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏପରି ଆବଶ୍ୟକ ହେଲେ ପୂର୍ବ ଭଳି ସମଗ୍ର ଜିଲ୍ଲାବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବେ ନାହିଁ ବୋଲି କହିଥିଲେ। ବୈଠକରେ ଏକ ପରିଚାଳନା କମିଟି ଗଠନ ପାଇଁ ସଭାପତି ତଥା ଆବାହକ ଶାନ୍ତନୁ କୁମାର ରାଉତ, ସୁଧାକର ରାଉତ, ଅଭୟ ଦ୍ୱିବେଦୀ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ବୈଲୋଚନ ବେହୁରିଆଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଗଲା। ସେମାନେ ବିଭିନ୍ନ ସଂଗଠନରୁ ସଭ୍ୟସଭ୍ୟାମାନଙ୍କୁ ଡାକି ଏକ କମିଟି ଗଠନ କରିବେ। ପରବର୍ତ୍ତୀ ବୈଠକରେ ସେମାନଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ସ୍ଥିର କରାଯିବ। ଏଥି ସହିତ ଆଗାମୀ ୨୬ ତାରିଖରେ ଭାରତ ସରକାରଙ୍କ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଭଦ୍ରକ ଗସ୍ତରେ ଆସୁଥିବା ସମୟରେ ତାଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ମହାନ୍ତି, ରମେଶ ଚନ୍ଦ୍ର ଦାସ, ଡା. ରମେଶ ଚନ୍ଦ୍ର ସାହୁ, ଅମର କୁମାର ପାଣିଗ୍ରାହୀ, ବିଜୟ ଦାସ, ଡ. ରାମଚନ୍ଦ୍ର ପଣ୍ଡଶ, ବସନ୍ତ କୁମାର ମହାନ୍ତି, ଦିଲିପ ନାୟକ, ଡ. ରାଧାରାଣୀ ମହାପାତ୍ର, ମନୋଜ କୁମାର ଜତି, ଦୁଃଶାସନ ମହାନ୍ତି, ଶ୍ରୀହର୍ଷ ସ୍ୱାଇଁ, ଗୌରାଙ୍ଗ ଚରଣ ବାରିକ, ଆଦିତ୍ୟ କୁମାର ନାୟକ, ସୀତାକାନ୍ତ ଦାସ, ଆଦିତ୍ୟ କୁମାର ଗୋସ୍ୱାମୀ ଚନ୍ଦ୍ରମୋହନ ମହାନ୍ତି, ହରେକୃଷ୍ଣ ମହାକୁଡ଼, ଅମ୍ବିକା ଦାସ, କୂଳମଣି ବେହେରା, ଗୌରଚନ୍ଦ୍ର ପଣ୍ଡା, ଅମରେନ୍ଦ୍ର ବିଶ୍ୱାଳ, ଧିରେନ୍ଦ୍ର କୁମାର ସାହୁ, ଶଶଧର ନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର, କଲ୍ଲୋଳ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଛକୁଣ୍ଡ ପୋଲିସର ଚଢଉ, ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ସହ ଇନୋଭା ଜବତ : ୩ ଗିରଫ

ଜୟପୁର, ୧୭।୩(ପି.ଏନ): ଆନ୍ଧ୍ରରୁ ମହାରାଷ୍ଟ ଗଞ୍ଜେଇ ଚାଲାଣ ବେଳେ ମାଛକୁଣ୍ଡ ପୋଲିସ ଚଢଉ କରିଛି । କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଏସ୍.ଡି.ପି.ଓ.ଙ୍କ ନେତୃତ୍ୱରେ ମାଛକୁଣ୍ଡ ଏବଂ ଲମତାପୁଟ ପୋଲିସ ମିଳିତ ଭାବରେ ବଙ୍ଗତଲବୀର ଗ୍ରାମ ଛକ ନିକଟରେ ଅପେକ୍ଷା କରିଥିଲେ। ଦ୍ରୁତ ଗତିରେ ଆସୁଥିବା ନମ୍ବର ବିହୀନ ଇନୋଭାକୁ ଅଟକାଇ ଯାଂଚ୍ କରିବାରୁ ୩ଟି ବସ୍ତାରେ ଏକ କ୍ୱିଂଟାଲ ଗଞ୍ଜେଇ ଥିବା ଜଣାପଡିଥିଲା । ଗାଡିରେ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରି ଯାଂଚ୍ କରିବା ସହ ସେମାନଙ୍କ ନିକଟରୁ ନଗଦ ୩୦ ହଜାର ଟଙ୍କା ଏବଂ ୫ଟି ମୋବାଇଲ ଜବତ କରିଛି ପୋଲିସ । ୩ଟି ବସ୍ତାରେ ପ୍ରାୟ ଏକ କ୍ୱିଂଟାଲ ଗଞ୍ଜେଇ ଥିବା ବେଳେ ଏହାର ମୂଲ୍ୟ ୧୦ ଲକ୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି ।ଗିରଫ ତିନି ଜଣ ହେଲେ ମହାରାଷ୍ଟ୍ର ରାଜ୍ୟ ମୁନେତ ଅଂଚଳର ମହମ୍ମଦ ସେଖ, ନାରାୟଣ ସାନ୍ତାରମଣ ଚୌଧୁରୀ ଏବଂ ରାହୁଲ ଇରାମନ ଇଙ୍ଗେଲେ ବୋଲି ଜଣାପଡିଛି ।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟି କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ୱର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦ୍ରାପଡ଼ାର ରାଜନୀତିକ ଦୃଶ୍ୟ !

**ଶରତ କୁମାର ରାଉତ**

ସାମ୍ପ୍ରତିକ ରାଜନୀତିରେ ନେତାଙ୍କୁ ଚିହ୍ନିବା ସହଜ ନୁହେଁ। ସାଧାରଣତଃ ତୃଣମୂଳ ସ୍ତରରେ ଲୋକଙ୍କ ସେବା କରି, ଲୋକଙ୍କ ସୁଖ-



ଦୁଃଖରେ ଏକାକାର ହୋଇ ନେତା ପାଲଟିଥିବା ବ୍ୟକ୍ତି ହିଁ ବାସ୍ତବ କ୍ଷେତ୍ରରେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ହୋଇଥାଏ। ଲୋକେ ରାଜନେତାଙ୍କ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଓ କପୋଳକଳ୍ପିତ କଥାରେ ସାଧାରଣ ଲୋକଙ୍କ ସମର୍ଥନ ମିଳେନାହିଁ। ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକମାନଙ୍କର ମଙ୍ଗଳ ପାଇଁ ନିଷ୍ଠାପର କାର୍ଯ୍ୟ କରିଚାଲିଲେ, ଯିଏ କେହି ଲୋକଙ୍କ ବିଶ୍ୱାସଭାଜନ ହୋଇଥାଏ। ସାଧାରଣତଃ କୁହାଯାଇଥାଏ, ଭାରତୀୟ ଗଣତନ୍ତ୍ରର ମନ୍ଦିର ଗୁଡ଼ିକୁ ଆମେ ଗଣତାନ୍ତ୍ରିକ ସଂସ୍କାର ଥିବା ଓ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣକୁ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ କରିପାରୁଥିବା ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଇବା ଉଚିତ। କାରଣ ସେମାନେ ଆମର ପ୍ରତିନିଧି, ପ୍ରବକ୍ତା ଓ ସୁଖ-ଦୁଃଖର ସାଥୀ ମଧ୍ୟ। ଯେତେବେଳେ ସୁଯୋଗ୍ୟ ନେତାମାନେ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୁଅନ୍ତି, ସେତେବେଳେ ସଂପୃକ୍ତ ଅଂଚଳ ତଥା ସାଧାରଣ ଲୋକଙ୍କ ଉନ୍ନତି ହେବା ସହ ସେହି ନେତା ନିଜ ନିର୍ବାଚନ କ୍ଷେତ୍ରରେ ଅପରାଜେୟ ହୋଇଯାଆନ୍ତି। ସମସ୍ତ ରେକର୍ଡ଼ ଭାଙ୍ଗି ରାଜ୍ୟ ଓ ଦେଶରେ ଇତିହାସ ସୃଷ୍ଟି କରନ୍ତି ! ଚିରଦିନ ପାଇଁ ଲୋକମାନଙ୍କ ମନରେ ସେମାନେ ସ୍ମରଣୀୟ ହୋଇ ରହନ୍ତି। ସେହିଭଳି ଜଣେ ନେତା ହେଲେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା। ଆମେରିକାରେ ପାଠପଢ଼ା ଶେଷ ପରେ ବୈଜୟନ୍ତବାବୁ ଶିଳ୍ପ କ୍ଷେତ୍ରରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଧୀରେଧୀରେ ସେ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ। ବୈଜୟନ୍ତବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି। କେବଳ କେନ୍ଦ୍ରାପଡ଼ା କି ଓଡ଼ିଶା ନୁହେଁ, ଜାତୀୟ ରାଜନୀତି କ୍ଷେତ୍ରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ସାଂସଦ ଭାବେ ତାଙ୍କର ରାଜନୀତିକ ଓ ସଂସଦୀୟ କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ଜାତୀୟ ରାଜନୀତି ମଂଚରେ ଛିଡ଼ା କରିଦେଇଛି। ୨୦୦୦ ଓ ୨୦୦୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡ଼ି ରାଜ୍ୟସଭା ସଂସଦୀୟ ଦଳର ନେତା ପଦରେ ଅଧିଷ୍ଠିତ ହୋଇଥିଲେ। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସେ ବିଜେଡ଼ି ଟିକଟରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ବିଭିନ୍ନ ସଂସଦୀୟ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ।

ସଂସଦ ଅଧିବେଶନରେ ବୈଜୟନ୍ତ ବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା ଓ ଜାତୀୟ ସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ସଂସଦ ବାହାରେ, ନିଜ ରାଜ୍ୟରେ ଓ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଅଦ୍ୱିତୀୟ। ସଂସଦ ଅଧିବେଶନରେ ପ୍ରଶ୍ନ-ଉତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ସ୍ଥଗନ, ଚର୍ଚ୍ଚା ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ବୈଜୟନ୍ତବାବୁ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଦେଶରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଏଥିପାଇଁ ମଧ୍ୟ ସେ ସଂସଦରେ ଅନେକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଛନ୍ତି। ୨୦୧୧ରେ ବୈଜୟନ୍ତବାବୁଙ୍କ ସମେତ ଏକ ଉଚ୍ଚସ୍ତରୀୟ ଯୁବ ସଂସଦୀୟ ଦଳ "ସିଟିଜେନ୍ସ ଆଲିଆନ୍ସ ଏଗ୍‌ନେଷ୍ଟ ମାଲ୍‌ନ୍ୟୁଟ୍ରିସନ୍" ଶିଶୁ ପୁଷ୍ଟିହୀନତାର କାରଣ ସଂପର୍କରେ ସାରା ଭାରତରେ ବୁଲି ମା', ଶିଶୁ, ଅଙ୍ଗନୱାଡ଼ୀ କର୍ମୀ ଓ ସରକାରୀ କର୍ମକର୍ତାଙ୍କୁ ଭେଟିଥିଲେ। ଏହି ଦଳ ୧ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ଓ ୭୪ ହଜାରରୁ ଉର୍ଦ୍ଧ୍ୱ ମା'ଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ଦେଶର ସବୁଠୁ ବଡ଼ ପୁଷ୍ଟିହୀନତା ସର୍ଭେ ଥିଲା। ୨୦୧୩ରେ ରାଜନୀତିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଥିବା ଅପରାଧିକ ମାମଲାର ବିଚାର ପାଇଁ ସ୍ପେଶିଆଲ୍ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ପାଇଁ, ୨୦୧୩ରେ ରାଜନୀତିରେ ଅପରାଧୀକରଣ ନିୟନ୍ତ୍ରଣ ପାଇଁ, ୨୦୧୪ରେ ଜଣେ ବ୍ୟକ୍ତି ଏକସମୟରେ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ର ଉଭୟରୁ ନିର୍ବାଚିତ ହୋଇ ପରେ ଯେଉଁ ଆସନରୁ ଇସ୍ତଫା ଦେବେ, ସେଠାରେ ଦ୍ୱିତୀୟ ସ୍ଥାନ ଦଖଲ କରିଥିବା ପରାଜିତ ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷିତ କରିବାକୁ ସଂସଦରେ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୮ ଜାନୁୟାରୀ ୨୪ ତାରିଖରେ ତାଙ୍କୁ ବିଜେଡ଼ିର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଥିଲା, ଯାହାକୁ କେନ୍ଦ୍ରାପଡ଼ାର ସଚେତନଶୀଳ ନାଗରିକମାନେ ଗ୍ରହଣ କରିପାରି ନ ଥିଲେ। ତା.୨୮.୦୫.୨୦୧୮ରିଖରେ ବିଭିନ୍ନ କାରଣ ଦର୍ଶାଇ ବୈଜୟନ୍ତବାବୁ ବିଜେଡ଼ିରୁ ଇସ୍ତଫା ଦେଇଥିଲେ ଓ ତା.୧୨.୦୬.୨୦୧୮ ରିଖରେ ଲୋକସଭା ସଦସ୍ୟ ପଦରୁ ମଧ୍ୟ



ଇସ୍ତଫା ଦେଇଥିଲେ। ତେବେ ୨୦୧୯ ମାର୍ଚ୍ଚ ୪ ତାରିଖରେ ସେ ବିଜେପିରେ ଯୋଗ ଦେଇଥିଲେ। ଏହାର ମାତ୍ର ଚାରିଦିନ ପରେ ମାର୍ଚ୍ଚ ୮ ତାରିଖରେ ତାଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ବିଜେପି ଜାତୀୟ ଉପ-ସଭାପତି ତଥା ମୁଖପାତ୍ର ପଦରେ ଅବସ୍ଥାପିତ କରାଯାଇଥିଲା। ବୈଜୟନ୍ତବାବୁ ଯେପରି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇଥା'ନ୍ତି ଓ ଲୋକଙ୍କୁ ଭଲ ପାଆନ୍ତି, ପୂର୍ବର କୌଣସି ସାଂସଦଙ୍କଠାରେ ତାହା ଦେଖାଯାଇ ନ ଥିଲା। ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ ବୈଜୟନ୍ତବାବୁ। ତେବେ ବୈଜୟନ୍ତବାବୁ ୨୦୧୯ ଲୋକସଭା ନିର୍ବାଚନରେ କେନ୍ଦ୍ରାପଡ଼ା ଆସନରେ ତୃତୀୟ ଥର ପାଇଁ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ନିର୍ବାଚନରେ ବିଜେଡ଼ିର ଅନୁଭବ ମହାନ୍ତି ୬,୨୮,୯୩୯ ଖଣ୍ଡ ଭୋଟ ପାଇଥିଲାବେଳେ ବିଜେପିର ବୈଜୟନ୍ତ ପଣ୍ଡା ୪,୪୭,୪୫୬ ଖଣ୍ଡ ଭୋଟ ଏବଂ କଂଗ୍ରେସର ଧରଣୀଧର ନାୟକ ୧,୧୩,୮୪୧ ଖଣ୍ଡ ଭୋଟ୍ ପାଇଥିଲେ। ତେବେ ବିଜେଡ଼ିର ଅନୁଭବ ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୈଜୟନ୍ତବାବୁଙ୍କୁ ୧,୮୧,୪୮୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏଠାରେ ପ୍ରଶ୍ନ ଉଠିପାରେ ଯେ, କେନ୍ଦ୍ରାପଡ଼ାର ବିକାଶ ପାଇଁ ବୈଜୟନ୍ତ ବାବୁ ଅନେକ ଉନ୍ନୟନ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କଲେ କାହିଁକି ? ତେବେ ମୁଖ୍ୟତଃ ଦୁଇଟି କାରଣ ପାଇଁ ବୈଜୟନ୍ତବାବୁ ପରାଜିତ ହେଲେ ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ।। ପ୍ରଥମତଃ ବିଜେପିରେ ମିଶିବା ତାଙ୍କ ପାଇଁ କାଳ ହେଲା। କାରଣ ଯେଉଁ ସଂଖ୍ୟାଲଘୁ ଭୋଟ୍, ପୂର୍ବରୁ ବୈଜୟନ୍ତବାବୁଙ୍କ ହାତମୁଠାରେ ଥିଲା, ସେ ବିଜେପିର ପ୍ରାର୍ଥୀ ହେବାପରେ ପ୍ରାୟତଃ ସବୁ ଭୋଟ ବିଜେଡ଼ି ହାତକୁ ଚାଲିଗଲା। ଦ୍ୱିତୀୟତଃ ବୈଜୟନ୍ତ ବାବୁଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବ ଗୋଷ୍ଠୀର ଭୋଟଗୁଡ଼ିକ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଗଲା। ସେହିପରି ଭୋଟ ପରିଚାଳନା ବେଳେ ସେ ତାଙ୍କର ପୁରୁଣା ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ଆଡ଼େଇଦେବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ବାବୁଙ୍କ ପ୍ରାର୍ଥୀତ୍ୱ ଓ ନିର୍ବାଚନ ବିଜୟ ପାଇଁ ବିଜେପିର କେତେକ ଆଗଧାଡ଼ିର ନେତା ସେମିତି କିଛି ସହଯୋଗ ଦେଇନଥିବା ସେତେବେଳେ ମନେହୋଇଥିଲା ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀ ନିଜର ଯଥେଷ୍ଟ ଉଦ୍ୟମ ବଳରେ ଯୁବଗୋଷ୍ଠୀକୁ ନିଜ ପକ୍ଷକୁ ଆଣିପାରିଥିଲେ। ଯେଉଁଥିପାଇଁ ବିଜେଡ଼ି ସହଜ ବିଜୟଲାଭ କରିଥିଲା।

ବାସ୍ତବତା ଦେଖାଗଲେ, ବୈଜୟନ୍ତ ପଣ୍ଡା ଜଣେ ଭିନ୍ନ ଚରିତ୍ରର ମଣିଷ। ସାଂସଦ ନଥାଇ ମଧ୍ୟ ସେ ସବୁବେଳେ କେନ୍ଦ୍ରାପଡ଼ା ଅଂଚଳରେ ରହି ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଥିବା ଦେଖାଯାଉଛି। ଦଳମତ ନିର୍ବିଶେଷରେ କେନ୍ଦ୍ରାପଡ଼ାର ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରିଥିବା ବେଳେ ତାଙ୍କ ପ୍ରତି ମଧ୍ୟ କେନ୍ଦ୍ରାପଡ଼ାବାସୀଙ୍କର ଏବେ ବି ଅକୁଣ୍ଠ ସମର୍ଥନ ରହିଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ-୯୩୩୭୩୬୯୪୮*

# ମାଗଣା ଯୋଜନା ଲଢେଇ !



ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ତାରିଖ ଯେତିକି ନିକଟତର ହେଉଛି, ରାଜନୈତିକ ଦଳ ଏବଂ ଦେଶବାସୀଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବଢୁଛି। ଏଥର ଗୁଜରାଟ ନିର୍ବାଚନରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିଜେପି ଓ କଂଗ୍ରେସ ବ୍ୟତୀତ ଆମ୍ ଆଦମୀ ପାର୍ଟି (ଏଏପି) ଅବତୀର୍ଣ୍ଣ ହୋଇଛି। ତେବେ ଯେଉଁଭଳି ଢାଂଚାରେ ଏଏପି ପ୍ରଚାର ଅଭିଯାନକୁ ଜୋରଦାର କରିଛି, ସେଥିରୁ ଏହାକୁ ଅଣଦେଖା କରାଯାଇ ନ ପାରେ। ଯେଉଁଥିପାଇଁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଗୁଜରାଟର ଫଳାଫଳ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି ବୋଲି କୁହାଯାଇପାରେ। ତେବେ ଏଥର ତିନି ପ୍ରତିଦ୍ୱନ୍ଦ୍ୱୀ ଦଳ ପକ୍ଷରୁ ଯେଉଁ ନିର୍ବାଚନ ଇସ୍ତାହାର ପ୍ରକାଶ ପାଇଛି, ତାହା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଗଣା ଯୋଜନା ନେଇ ଦେଶର ଅର୍ଥନୈତିକ ବିଶାରଦଙ୍କ ଚେତାବନୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବେଗ ସତ୍ତ୍ୱେ କେହି ଏଥିରୁ ବାଦ ପଡିନାହାଁନ୍ତି। ତେବେ ପ୍ରଥମଥର ପାଇଁ ବିଜେପି ତା'ର ନିର୍ବାଚନ ଇସ୍ତାହାର ହିନ୍ଦୁତ୍ୱ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛି। ବିଜେପି ତା'ର ନିର୍ବାଚନ ଇସ୍ତାହାରରେ ୟୁନିୟନ ସିଭିଲ କୋଡ ସୁପାରିଶ ଲାଗୁ, ଦଙ୍ଗାକାରୀଙ୍କ ସମ୍ପତି ଜବତ, ଧର୍ମାନ୍ତରୀକରଣକୁ କଡାକଡି ଭାବେ ନିୟନ୍ତ୍ରଣ କରିବା ଆଦି ପ୍ରତିଶ୍ରୁତି ଦେଇଛି। ବିଜେପିର ଏହି ପ୍ରତିଶ୍ରୁତି ଗୁଜରାଟର ଏକ ଗୋଷ୍ଠୀଙ୍କୁ ପ୍ରଭାବିତ କରିବା ନିଶ୍ଚିତ। ଅନ୍ୟପକ୍ଷରେ କଂଗ୍ରେସ ଓ ଏଏପି ମାଗଣା ଯୋଜନା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିବାବେଳେ ବିଜେପି ମାଗଣା ଯୋଜନା ସହ ହିନ୍ଦୁତ୍ୱକୁ ଗୁରୁତ୍ୱ ଦେଇଛି। ଏହା ନିଶ୍ଚିତ ଯେ, ଭାରତୀୟ ନିର୍ବାଚନ ରାଜନୀତିରେ ମାଗଣା ଯୋଜନା ଏବେ ଏକ ସାଧାରଣ ପ୍ରସଙ୍ଗ ହୋଇଯାଇଥିବା ବେଳେ ଭୋଟଦାତାଙ୍କ ମାନସିକତା ମଧ ବଦଳି ଯାଇଛି ବୋଲି କୁହାଯାଇପାରେ। ମାଗଣା ସଂସ୍କୃତି ପ୍ରତି ଭୋଟଦାତା ଆକୃଷ୍ଟ ହୋଇଯାଉଛନ୍ତି। ଏହାର ସୁଯୋଗ ରାଜନୈତିକ ଦଳଗୁଡିକ ଠିକ୍ ସମୟରେ ନେଉଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସ ଏବଂ ଏଏପି ମାଗଣାରେ ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ରିହାତି ଦରରେ ଇନ୍ଧନ ଗ୍ୟାସ ସିଲିଣ୍ଡର, ବାର୍ଦ୍ଧକ୍ୟ ଭତା, କୃଷି ଋଣ ଛାଡ ପ୍ରତିଶ୍ରୁତି ଦେଇଥିବାବେଳେ ବିଜେପି ମଧ ପଛରେ ପଡିନାହିଁ। ବିଜେପି ମଧ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ସେବା, ମାଗଣାରେ ଦୁଇଟି ଗ୍ୟାସ ସିଲିଣ୍ଡର ଯୋଗାଣ, ଚଣା, ଡାଲି ଏବଂ ଖାଇବା ତେଲ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛି। ଆହୁରି ମଧ ବିଜେପି କଲେଜ ଯାଉଥିବା ଯୁବତୀମାନଙ୍କୁ ବୈଦ୍ୟୁତିକ ସ୍କୁଟର ମାଗଣାରେ ଦେବା ପାଇଁ ପ୍ରତିଶ୍ରୁତି ଦେଇଛି। ଏହା ନିଶ୍ଚିତ ଯେ, ମାଗଣା ଯୋଜନା ନେଇ ୩ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧରେ ପ୍ରତିଶ୍ରୁତି ପ୍ରାୟ ସମାନ। ଏଏପି ସମସ୍ତ ପିଲାଙ୍କୁ ମାଗଣା ଶିକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ କଂଗ୍ରେସ ଓ ବିଜେପି ସ୍ନାତକୋତର ପର୍ଯ୍ୟନ୍ତ ବାଳିକାମାନଙ୍କୁ ମାଗଣା ଶିକ୍ଷା ଦେବା ଇସ୍ତାହାରରେ ଘୋଷଣା କରିଛନ୍ତି। ସେହିପରି ମାଗଣା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୩ ଦଳର ଘୋଷଣା ସମାନ ରହିଛି। ବିଜେପି ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରାଶି ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରିବାକୁ ଘୋଷଣା କରିବା ସହ ସମସ୍ତଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି। କଂଗ୍ରେସ ମଧ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ସ୍ୱାସ୍ଥ୍ୟସେବା ଦେବା ପାଇଁ କହିଛି। ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସମସ୍ତଙ୍କ ଆଭିମୁଖ୍ୟ ସମାନ ଥିବାବେଳେ ପ୍ରତିଶ୍ରୁତି ପାଇଁ ଅର୍ଥ କେଉଁଠୁ ଆସିବ, ତାହା ଏବେ ମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାଗଣା ଯୋଜନା ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ବନ୍ଦ କରିବା ପାଇଁ ରାଜନୈତିକ ଦଳମାନଙ୍କୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି। ତେବେ ଏଥିଲାଗି ବିହିତ ପଦକ୍ଷେପ ନେବାକୁ ନିର୍ବାଚନ କମିଶନ୍‌ଙ୍କୁ କହିଥିବାବେଳେ କମିଶନ ମଧ ରାଜନୈତିକ ଦଳମାନଙ୍କୁ ପତ୍ର ଲେଖି ମାଗଣା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଅର୍ଥ କେଉଁଠୁ ଆସିବ, ଜଣାଇବାକୁ ମତାମତ ଲୋଡିଛନ୍ତି। କେବଳ ଏତିକିରେ ନିର୍ବାଚନ କମିଶନ ଅଟକି ରହିଛନ୍ତି। ମାତ୍ର ଇତିମଧରେ ଦୁଇଟି ରାଜ୍ୟ ତଥା ହିମାଚଳ ପ୍ରଦେଶ ଓ ଗୁଜରାଟର ବିଧାନସଭା ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡିକ ଭୋଟଦାତାମାନଙ୍କୁ ଆକୃଷ୍ଟ କରିବା ତଥା କ୍ଷମତା ଦଖଲ ପାଇଁ ମାଗଣା ଯୋଜନାକୁ କେବଳ ଆୟୁଧ କରିଛନ୍ତି ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଅର୍ଥନୈତିକ ବିଶାରଦମାନଙ୍କର ଚେତାବନୀ, ପ୍ରଧାନମନ୍ତ୍ରୀ ଏବଂ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ଏବଂ ନିର୍ବାଚନ କମିଶନଙ୍କ ମତାମତ ଲୋଡିବା ସବୁକିଛି ରାଜନୈତିକ ଦଳମାନଙ୍କ କ୍ଷମତା ଦଖଲ ଆଭିମୁଖ୍ୟ ନିକଟରେ ତୁଚ୍ଛ ହୋଇପଡିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

**—ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ସୁରକ୍ଷାରେ ତ୍ରୁଟି ଯୋଗୁଁ କାରଖାନା ପରିସରରେ ଦୁର୍ଘଟଣା ପରେ ଟିପର ଚାଳକର ମୃତ୍ୟୁ



କେନ୍ଦୁଝର (ପିଏନ୍): କାରଖାନା ପରିସରରେ ସୁରକ୍ଷାରେ ତୃଟି ଯୋଗୁଁ ଜଣେ ଟ୍ରକ ଚାଳକର ମୃତ୍ୟୁ ହୋଇଛି। ପୋଲିଓ ଏବଂ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁରଠାରେ ଥିବା ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ପିଲେଟ ଏବଂ ବେନିଫିକେସନ କାରଖାନା ପରିସରରେ ଏକ ଲୁହାପଥର ଗୁଣ୍ଡ ବୋଝେଇ ଟିପର ଦୁର୍ଘଟଣା ଘଟି ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। କାରଖାନା ପରିସରରେ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ଢିଲା ଓ ଭିତରେ ଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବାବେଳେ ଏବେ ଏକ ଦୁର୍ଘଟଣା ଘଟି ଜଣେ ଟିପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକଙ୍କ ନାମ ଛେଦି ମୁଣ୍ଡା ଏବଂ ବୟସ ୩୧ବର୍ଷ ବୋଲି ଜଣାପଡିଛି। ଏହାକୁ ନେଇ ବାମେବାରୀ ଥାନା ପୋଲିସ ଏକ କେସ ନଂ ୨୦୨ ଦଫା ୨୭୯, ୩୦୪ (ଏ) ଏକ ମାମଲା ରୁଜୁ କରିଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାରଖାନା ପରିସରରେ ବେପରୁଆ ଗାଡି ଚାଳନା ଯୋଗୁ ଗାଡି ଚାଳକର ମୃତ୍ୟୁ ହୋଇଥିବା ପୋଲିସ କହିଛି। କାରଖାନା ପରିସରରେ ଦୃତ ଗତିରେ ଗାଡି ଚଳାଉଥିଲେ ସୁରକ୍ଷା କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦୁଝରସ୍ଥିତ ସହକାରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ପକ୍ଷରୁ ମଧ ତଦନ୍ତ ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଭିନ୍ନ ମୋଡ ଦେଇ କାରଖାନା କର୍ତ୍ତୃପକ୍ଷ ଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ ଚାଲିଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଠାରେ ସୂଚନା ଯୋଗ୍ୟ ଯେ, କାରଖାନା ପରିସରରେ ଥିବା ରାସ୍ତାଘାଟ ଗୁଡିକ ସଠିକ ମାନର କରିବା ସହ ଶ୍ରମିକ ତଥା ଗାଡି ଚାଳକ ମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ସେହିପରି କାରଖାନା ପରିସରରେ ଧୂଳି,ଧୂଆଁ ପ୍ରଦୂଷଣ ନିୟନ୍ତ୍ରଣ କରି ଦୁର୍ଘଟଣା ରୋକିବା ନେଇ ମଧ ପଦକ୍ଷେପ ନିଆଯାଇଥାଏ। ତେବେ ଏସବୁ ଅବ୍ୟବସ୍ଥା ତଦାରଖ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଶ୍ରମ ବିଭାଗ,କାରଖାନା ଓ ବାଷ୍ପିତ ବିଭାଗ ଗସ୍ତ କରି ଯାଂଚ କରିଥାନ୍ତି। ତେବେ ଏହି କାରଖାନାରେ ସେ ସବୁ ଠିକ୍ ଭାବରେ ଯାଂଚ ହୋଇଛି କି ନାହିଁ ତାହାର ତଦନ୍ତ କରିବା ସହ ନିୟମିତ ରାସ୍ତାଘାଟ ସଫେଇ ଓ ଜଳସିଞ୍ଚନ କରାଯାଉନଥିବାରୁ ଗାଡି ଚଳାଚଳ ସମୟରେ ଧୂଳି ଉଡି ସମସ୍ୟା ଦେଖାଦେଇଥାଏ। ଏଣୁ ଏସବୁ ଦୃଷ୍ଟିକୋଣରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଡ୍ରାଇଭରକୁ କ୍ଷତିପୂରଣ ଦେଇ ନ୍ୟାୟ ଦେବାକୁ ଦାବୀ ହୋଇଛି। ଏନେଇ ବାମେବାରୀ ଥାନା ଅଧିକାରୀ ସ୍ୱରୂପ ରଂଜନ ନାୟକ କହିଛନ୍ତି ଯେ, ଘଟଣାକୁ ନେଇ କେସ କରାଯାଇ ତଦନ୍ତ ଚାଲିଛି। ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗର ଇଂ କେଦାର ନାଥ ହାଁସଦାଙ୍କ ସହ ଯୋଗାଯୋଗ କରିବାରୁ କାରଖାନା ପରିସରରେ ଦୁର୍ଘଟଣାର ତଦନ୍ତ ଚାଲିଛି। ମାଲଗାଡିଗୁଡିକ କାରଖାନାରୁ ବାହାରିବା ସମୟରେ ଗାଡିର ଚକା ପାଣିରେ ଧୋଇବା ପାଇଁ ଯେଉଁ ବ୍ୟବସ୍ଥା ହେବା କଥା ତାହା ନାହିଁ। ଫଳରେ କାରଖାନା ଗାଡି ଯିବା ଆସିବା ସମୟରେ ଧୂଳି ଉଡି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। କାରଖାନା ପରିସରରେ ଜଳସିଞ୍ଚନ ବ୍ୟବସ୍ଥା ମଧ ଠିକ୍ ଭାବରେ କାମ କରୁନଥିବା ଅଭିଯୋଗ ହୋଇଛି। କାରଖାନା ଭିତର ରାସ୍ତା ସଂପୂର୍ଣ୍ଣ ଭାବରେ ଗମନାଗମନ ଅନୁପଯୁକ୍ତ ହୋଇପଡିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନା ଭିତର ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ କାରଖାନା କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ଅଣଦେଖା କରୁଛନ୍ତି। ଯାହାଦ୍ୱାରା ଗାଡି ଚଳାଚଳ ସମୟରେ ପ୍ରବଳ ମାତ୍ରାରେ ଧୂଳି ଉଡି ଗୋଟିଏ ଗାଡି ଅନ୍ୟ ଗାଡିକୁ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି। ଗାଡି ଚାଲିବା ଦ୍ୱାରା ଏତେ ମାତ୍ରାରେ ଧୂଳି ଉଡୁଛି ଯେ କାରଖାନାର କର୍ମଚାରୀମାନେ ମଧ କାରଖାନା ପରିସରରେ କାମ କରିବା ନିରାପଦ ମଣୁନାହାଁନ୍ତି। କାରଖାନା ଯାଞ୍ଚ ପାଇଁ ଶିଳ୍ପ ବିଭାଗ ଏକ କମିଟି ଗଠନ କରଛନ୍ତି। ଯାହାକୁ ସେଣ୍ଟ୍ରାଲ ଇନ୍ସପେକ୍ସନ କୋ-ଅଡିନେସନ ଗ୍ରୁପ(ସିଆଇସିଜି) କୁହାଯାଉଛି। ଏହି ଗ୍ରୁପ ରେ ଶ୍ରମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ କୁ ସାମିଲ କରାଯାଇଛି। କମ୍ପ୍ୟୁଟର ଜେନେରେଟେଡ ପ୍ରୋଗ୍ରାମ ଅନୁସାରେ ଏହାର ଅଧିକାରୀମାନେ ବିଭିନ୍ନ କଳକାରଖାନା ପରିଦର୍ଶନ କରିବାର ନିୟମ ରହିଛି । କିନ୍ତୁ ଶିଳ୍ପ ବିଭାଗର ଏହି ମହତ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଫେଲ ମାରିଛି। ଯୁଗ୍ମ ଭାବେ ଯାଂଚ ସମୟରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହି ପରବର୍ତ୍ତୀ ସମୟରେ କାଗଜକଲମରେ ଯାଂଚ ରିପୋର୍ଟ ପ୍ରସ୍ତୁତ କରି ଅନ୍‌ଲାଇନରେ ଅପଲୋଡ କରୁଛନ୍ତି। ଏପରିକି ଅନଲାଇନରେ ଅପଲୋଡ ପରେ ଏହାଉପରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଶିଳ୍ପ ବିଭାଗର ସିଆଇସିଜି ଯାଞ୍ଚ ର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଫଳରେ କଳକାରଖାନାରେ ଥିବା ବିଭିନ୍ନ ଅବ୍ୟବସ୍ଥାର ସୁଧାର ଆସି ପାରୁନାହିଁ। ଜନହିତକର ଏବଂ ଶିଳ୍ପ ପ୍ରୋତ୍ସାହନ ପାଇଁ କରାଯାଇଥିବା ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ।

# ବାଲି ଚୋରା ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡ଼ିହ ଗାଁ ନିକଟ ବ୍ରାହ୍ମଣୀ ନଦୀରୁ ହେଉଥିବା ବାଲି ଚୋରା ଚାଲାଣକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି । ଏକ ବାଲି ବୋଝେଇ ହାଇୱା ଓ ପୋକଲିନ୍ ମେସିନ୍‌କୁ ଅଟକାଇ ଏହି ବେଆଇନ ବାଲିଘାଟକୁ ତୁରନ୍ତ ବନ୍ଦ କରିବା ପାଇଁ ନାରାବାଜି କରିଥିଲେ । ପ୍ରଶାସକ ଓ ରାଜନେତାଙ୍କ ସହଯୋଗରେ ଏଠାରୁ ବାଲିମାଫିଆ ବେଧଡ଼କ ବାଲି ଲୁଟ୍ କରୁଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ପ୍ରକାଶ ଯେ, ରସୁଲପୁର ତହସିଲ ଅଧୀନ ଲଙ୍କାବାଲିସାହି ବାଲିଘାଟ ଲିଜ୍ ନେଇଥିବା ଲିଜ୍‌ଧାରୀ ଧର୍ମଶାଳା ତହସିଲ ଅଧୀନ କୋଠିଡ଼ିହ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତୋଳନ କରୁଛନ୍ତି । ଦୁଇଟି ପୋକଲିନ୍ ମେସିନ୍ ବାଲି ଉତୋଳନ କରୁଥିବା ବେଳେ ଏହାକୁ କେତେକ ହାଇୱାରେ ପରିବହନ କରାଯାଉଛି । ଗୋଟିଏ ହାଇୱାରେ ବାଲି ବୋଝେଇ ହୋଇ ଗଲାପରେ ଅନ୍ୟ ଏକ ହାଇୱା ଘାଟରେ ପଶୁଛି । ସ୍ଥାନୀୟ ଅଂଚଳବାସୀଙ୍କୁ ଅନ୍ଧାରରେ ରଖି ଲିଜ୍‌ଧାରୀ ଅତି ଚତୁରତାର ସହ କେତେକ ହାଇୱାରେ ଦିନକୁ ଶତାଧିକ ଟ୍ରିପ୍ ବାଲି ଲୁଟି ନେଉଛନ୍ତି । ଲିଜ୍ ଅଂଚଳରୁ ବାଲି ଉଠାଇବା ପରିବର୍ତେ କାହା ନିର୍ଦ୍ଦେଶରେ ବିନା ଆର୍ ଫର୍ମରେ ଏଠାରୁ ବେଆଇନ ବାଲି ଉତୋଳନ ହେଉଛି ? ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଆର୍‌ଆଇଙ୍କୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟାକ୍ସଫୋର୍ସ କ'ଣ କରୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଆନ୍ଦୋଳନକାରୀ । ସେହିପରି ଚାନ୍ଦପୁର ମୌଜାରେ ବାଲି ସୈରାତ୍ ଲିଜ୍ ନେଇଥିବା ଲିଜ୍‌ଧାରୀ ଏଠାରୁ ୩୦ ହଜାର ଘନମିଟରରୁ ଅଧିକ ବାଲି ଲୁଟି ନେଇଥିଲେ। ସ୍ଥାନୀୟ ଅଂଚଳବାସୀଙ୍କ ବିରୋଧ ପରେ ଧର୍ମଶାଳା ତହସିଲ ପକ୍ଷରୁ ଗତ ଜୁନ୍ ମାସରେ ଏଠାରେ ଚଢ଼ଉ କରାଯାଇ ୭ଟି ବାଲି ବୋଝେଇ ହାଇୱା ଓ ୨ଟି ପୋକଲିନ୍ ମେସିନ୍ ଜବତ କରିଥିଲା । ସଂପୃକ୍ତ ବାଲିମାଫିଆ ବିରୋଧରେ ୨କୋଟି ଟଙ୍କା ଜରିମାନା କରାଯାଇଥିଲା । ଏହି ଜରିମାନା ବର୍ତମାନ ସୁଦ୍ଧା ଅନାଦେୟ ରହିଛି । ଏହାସତ୍ତ୍ୱେ ପୁଣି ଏଠାରୁ ୨୦ ହଜାର ଘନମିଟରରୁ ଅଧିକ ବାଲି ଲୁଟ୍ ହୋଇଯିବା ଘଟଣା ପ୍ରଶାସନର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବାହ୍ନରେ ମଙ୍ଗଳପୁର ପଂଚାୟତର ନୂଆକୁଳ, ମଙ୍ଗଳପୁର ଓ କୋଠଡିହ ଗ୍ରାମବାସୀ ବେଆଇନ ବାଲିଘାଟକୁ ବିରୋଧ କରିବା ଓ ବାଲି ବୋଝେଇ ହାଇୱାକୁ ଅଟକାଇଥିବା ଖବର ପାଇ ବ୍ରହ୍ମବରଦା ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା । ଏ ସଂପର୍କରେ ପୁଲିସ୍ ଉଭୟ ଧର୍ମଶାଳା ଓ ରସୁଲପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ । ଉକ୍ତ ବିବାଦର ସମାଧାନ ପାଇଁ ଦୁଇ ତହସିଲର ତହସିଲଦାରଙ୍କ ଉପସ୍ଥିତିରେ ଏରିଆ ମାପଚୁପ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଫଟୋ ସଂଗ୍ରହରେ ବିରଳ ରେକର୍ଡ




ଭୁବନେଶ୍ୱର (ପିଏନ୍): ବାଳକାଟି ରଥଜେମା ଗ୍ରାମର ଶ୍ରୀ ଦିଲ୍ଲୀପ କୁମାର ସାହୁ ବାସ୍ତବରେ ଜଣେ ନିଆରା ସଂଗ୍ରାହକ ଓ ଜଣେ ନିଆରା ମଣିଷ ମଧ। ଖବରକାଗଜରୁ ଦେଶ ବା ରାଜ୍ୟର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଫଟୋ ସବୁକୁ ସେ ନିୟମିତ ଭାବରେ ସଂଗ୍ରହର କରି ରଖିଥାନ୍ତି। ଆମ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କର ଅନେକ ଫଟୋକୁ ସେ ନିଜ ଫାଇଲ୍‌ରେ ସାଇତି କରି ରଖିଛନ୍ତି। ଅନେକ କ୍ରିକେଟ୍ ଖେଳାଳିଙ୍କ ଫଟୋକୁ ମଧ ସେ ସଂଗ୍ରହ କରି ରଖିଛନ୍ତି। ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ସେ ଏହି ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୨୦୦୧ ମସିହାରେ ସେବେଠାରୁ ଦୀର୍ଘ ୨୨ ବର୍ଷ ହେଲାଣି ଦିଲ୍ଲୀପ ଏହି ସଂଗ୍ରହ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦୁବାଇ ସାରେଜାସ୍ଥିତ, ବ୍ରାଭୋ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଯଦିଓ ଏହି ଆନ୍ତର୍ଜାତିକ ସ୍ତରରେ ରେକର୍ଡ ବୁକ୍‌ରେ ସ୍ଥାନ ପାଇବା ସହଜସାଧ୍ୟ ନୁହେଁ । ତଥାପି ଦିଲ୍ଲୀପଙ୍କ ନିଷ୍ଠାପର ଭାବରେ ନିରନ୍ତର ସଂଗ୍ରହ ଦ୍ୱାରା ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଦିଲ୍ଲୀପ ଆନ୍ତର୍ଜାତିକ ସ୍ତରରେ ଏହି ରେକର୍ଡ କରିଛନ୍ତି। ଦିଲ୍ଲୀପ ମଧ ପ୍ରତ୍ୟେକ ଦିନ ନିଜର ସଂଗ୍ରହକୁ ସାମାଜିକ ଗଣମାଧ୍ୟମରେ ସେୟାର କରନ୍ତି। ଆମ ଦେଶର ନୂତନ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ମଧ ଦିଲ୍ଲୀପଙ୍କ ସଂଗ୍ରହକୁ ଦିଲ୍ଲୀପଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲାଇକ୍ କରିଛନ୍ତି। ଦିଲ୍ଲୀପ ମଧ ଆହୁରି ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାରମାନେ ନିଜର ଏହି ସଂଗ୍ରହ କାର୍ଯ୍ୟ ଏବଂ କଳା ପାଇଁ ପାଇଛନ୍ତି। ନିକଟରେ ରାଷ୍ଟ୍ରୀୟ ପ୍ରେରଣା ଆୱାଡ-୨୦୨୨ ମଧ ଦିଲ୍ଲୀପ ପାଇଥିଲେ। ଦିଲ୍ଲୀପ ମଧ ୨୦୨୧ ମସିହାରେ ଆମ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବାଧିକ ଫଟୋ ସଂଗ୍ରହ କରି ଇଣ୍ଡିଆ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଥିଲେ। ଦିଲ୍ଲୀପ ଅନେକ ପୁରସ୍କାର ମଧ ଲାଭ କରିଛନ୍ତି। ୨୦୨୧ ମସିହାରେ ଇଣ୍ଡିଆ ଷ୍ଟାର ଇଣ୍ଡିପେଣ୍ଡେଣ୍ଟ ଆୱାର୍ଡ, ଇଣ୍ଡିଆ ପ୍ରାଉଡ୍ ଆୱାର୍ଡ, ୨୦୨୨ ମସିହାରେ ଇଣ୍ଡିଆ ପ୍ରାଇମ୍ ଆୱାର୍ଡ ପାଇ ଚର୍ଚ୍ଚାରେ ଥିଲେ। ଦିଲ୍ଲୀପ ଜଣେ ଭଲ ଚିତ୍ରଶିଳ୍ପୀ। ଦିଲ୍ଲୀପଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ଏବଂ ସମ୍ମାନାସ୍ପଦ ଅଟେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୧୮

# ଅଭିମନ୍ୟୁ ସାମନ୍ତସିଂହାର

ରୀତି ଯୁଗୀୟ କବିମାନଙ୍କ ମଧ୍ୟ ଅଭିମନ୍ୟୁ ସାମନ୍ତସିଂହାର ଅନ୍ୟତମ । କେହି କେହି ତାଙ୍କ ଜନ୍ମ କାଳ ୧୭୫୭ ମସିହା ନିରୂପଣ କରାବେଳେ ଆଉ କେତେକ ୧୭୩୭-୩୮ ମସିହା ବୋଲି ମତ ଦିଅନ୍ତି । କୈଶୋରରେ ଅଭିମନ୍ୟୁ ଗୁରୁ ଲାଭ କରିଥିଲେ । ବୈଷ୍ଣବ ଦର୍ଶନରେ ଅନୁପ୍ରାଣିତ ହୋଇ ସେ ରାଧାକୃଷ୍ଣ ଲୀଳା ପ୍ରତି ଆକୃଷ୍ଟ ହୋଇଥିଲେ । ଏହାପରେ ସେ ରାଧାକୃଷ୍ଣଙ୍କ ଲୀଳା ରଚନାରେ ଲାଗିପଡ଼ିଲେ । କୈଶୋରରେ ତାଙ୍କ କବି ପ୍ରତିଭାର ପରିଚୟ ମିଳିଥିଲା । ବାଘଗୀତ, ଚଢ଼େଇଗୀତ ତାଙ୍କ ସରସ କବିତା । ଯୌବନରେ କାବ୍ୟ ପ୍ରଣୟନରେ ସେ ବ୍ରତୀ ହେଲେ । ତାଙ୍କର ପ୍ରଥମ କାବ୍ୟ ରସକଳା । ରସବତୀ ଅଭିମନ୍ୟୁଙ୍କ ଅନ୍ୟତମ ରୀତିଯୁଗୀୟ କାବ୍ୟ । ସେହିପରି ସୁଲକ୍ଷଣାରେ ଭଞ୍ଜୀୟ କାବ୍ୟାଦର୍ଶ ପ୍ରତିଫଳିତ ହୋଇଛି । ତାଙ୍କ ରଚିତ ପ୍ରେମ ଚିନ୍ତାମଣି, ବିଦଗ୍ଧ ଚିନ୍ତାମଣି କାବ୍ୟରେ ରାଧାକୃଷ୍ଣଙ୍କ ପ୍ରେମଲୀଳା ବର୍ଣ୍ଣିତ । ଜୟ ଶ୍ରୀ ଗୋବିନ୍ଦ ହରି ଶ୍ରୀକୃଷ୍ଣଙ୍କ ଉପରେ ଆଧାରିତ । କିମ୍ବଦନ୍ତୀ ଅନୁସାରେ ଅନ୍ତିମ କାଳରେ କବି ବୃନ୍ଦାବନ ଯିବାକୁ ସ୍ଥିର କଲେ । ମାତ୍ର ଅଧା ବାଟରେ ତାଙ୍କ ପ୍ରାଣବାୟୁ ଉଡ଼ିଗଲା । ୧୮୦୬ ବା ୧୮୧୦ରେ ତାଙ୍କ ଦେହାନ୍ତ ହୋଇଥିବା କୁହାଯାଏ । ୧୭୫୭ କଟକ ଜିଲ୍ଲା ଯାଜପୁରସ୍ଥିତ ବରୁଆଁ ପ୍ରଗଣା ଅନ୍ତର୍ଗତ ଗୋଲକୁଣ୍ଡ ଗ୍ରାମରେ କବି ଅଭିମନ୍ୟୁ ସାମନ୍ତସିଂହାର ଜନ୍ମ ଗ୍ରହଣ କରିଥିଲେ ।


ବାଦଲ ଭୂୟାଁ

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ର୍ଥ ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୮୫୪୩୨ / ୯୨୦୪୬୫୨୦୬୫*

# ଆଦିକବି ସାରଳା ଦାସ


ମୋହନ କୁମାର ଭଞ୍ଜ

ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସ । କଟକ ଜିଲ୍ଲାର ଝଙ୍କଡ଼ ପ୍ରଗଣା ଅନ୍ତର୍ଗତ ତେନ୍ତୁଳିଆପଦା ଗ୍ରାମରେ ଦରିଦ୍ର କୃଷକ ପରିବାରରେ ତାଙ୍କ ଜନ୍ମ । ସେ ଜାତିରେ ଶୁଦ୍ର ଥିଲେ । ତାଙ୍କ ଜନ୍ମ ତାରିଖ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ । ତାଙ୍କ ପିତୃଦତ୍ତ ନାମ ସିଦ୍ଧେଶ୍ୱର ପରିଡ଼ା । ଇଷ୍ଟଦେବୀ ଶାରଳାଙ୍କ କୃପାରୁ ସେ ସାରଳା ଦାସ ନାମରେ ଖ୍ୟାତ ହେଲେ । ମା'ସାରଳାଙ୍କ କରୁଣାରୁ ସେ ମୂର୍ଖରୁ ପଣ୍ଡିତ ହୋଇଥିଲେ । ଠାକୁରାଣୀଙ୍କ ମନ୍ଦିରରେ ପ୍ରତିଦିନ ପଢ଼ାଯାଉଥିବା ସଂସ୍କୃତ ମହାଭାରତ ପୁରାଣ ଶୁଣି ସେ ଓଡ଼ିଆ ମହାଭାରତ ରଚନା କରିଥିଲେ ।

ଓଡ଼ିଆ ପଦ୍ୟ ରଚନାରେ ତାଙ୍କ ଲେଖା ପ୍ରାଚୀନ ବୋଧ ହେଉଥିବାରୁ ସେ ଆଦିକବି ଭାବେ ପରିଚିତ । ପୁରୀ ମୁକ୍ତିମଣ୍ଡପର ପଣ୍ଡିତମାନେ ସନ୍ତୁଷ୍ଟ ହୋଇ ତାଙ୍କୁ ଶୂଦ୍ରମୁନି ଉପାଧି ପ୍ରଦାନ କରିଥିଲେ । ନିଜ ଗ୍ରନ୍ଥମାନଙ୍କରେ ନିଜକୁ ମୂର୍ଖ, ଅଜ୍ଞାନ ତଥା କେବଳ ମା' ଶାରଳାଙ୍କ ଆଶୀର୍ବାଦ ଯୋଗୁଁ କାବ୍ୟ ଲେଖିଥିବା ସେ ବର୍ଣ୍ଣନା କରିଛନ୍ତି । ତେବେ ଅନେକ ଶାସ୍ତ୍ର ପୁରାଣରେ ତାଙ୍କର ଗଭୀର ପ୍ରବେଶ ଥିଲା । ଅନେକ ଗ୍ରନ୍ଥ ଅଧ୍ୟୟନ କରି ଅସୀମ ଜ୍ଞାନର ସେ ଅଧିକାରୀ ହୋଇଥିଲେ । ଓଡ଼ିଆ ଭାଷା ସାହିତ୍ୟର ସେ ଜଣେ ବିରଳ ପ୍ରତିଭା । ତାଙ୍କ ପ୍ରମୁଖ ଗ୍ରନ୍ଥ ମଧ୍ୟରେ ବିଲଙ୍କା ରାମାୟଣ, ମହାଭାରତ, ଚଣ୍ଡୀ ପୁରାଣ, ଲକ୍ଷ୍ମୀନାରାୟଣ ବଚନିକା ଏବଂ ଅନ୍ୟାନ୍ୟ ଆଉରି ଅନେକ ଗ୍ରନ୍ଥ ଆଦିକବିଙ୍କ ଦ୍ୱାରା ରଚିତ ବୋଲି ଲେଖିଥିଲେ ମଧ୍ୟ ତାହା ପ୍ରକୃତରେ ପ୍ରମାଣିତ ହୋଇପାରିନାହିଁ । ନିଜ ସାଧନା ପୀଠ ବଡ଼ ସାରୋଳରେ ମାଘ ସପ୍ତମୀ ଦିନ ସାରଳା ଦାସ ଦେହ ତ୍ୟାଗ କରିଥିଲେ ।

*କୋକମୁଣ୍ଡା, ଚାନ୍‌ଚେର, କେସିଙ୍ଗା, କଳାହାଣ୍ଡି, ଦୂରଭାଷ : ୯୯୩୮୯୦୪୭୭୫*

# ମାରାତ୍ମକ କ୍ୟାନସର ଓ ହେପାଟାଇଟିସ୍

ଚଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'କ୍ଲୋଜ ଦ କେୟାର ଗ୍ୟାପ' (ଯତ୍ନ ବ୍ୟବଧାନ ବନ୍ଦ କରନ୍ତୁ) । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ । ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି । ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିବସକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି । ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା । ୨୦୨୫ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ । କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ । ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁ ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି ହୋଇପାରେ । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଅନ୍ୟଲୋକମାନେ ମଧ୍ୟ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଟିକାକରଣ) ଭଳି ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ଭିଖ୍ରପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଗୋଲାବିଆ ଶକ୍ତ ଲାଗେ, ଆଖି ଓ ମୂତ୍ର ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ । ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ । କେତେବେଳେ ବୃକକ୍ ଓ ମସ୍ତିଷ୍କ ମଧ୍ୟ ଆକ୍ରାନ୍ତ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ । ଆମ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡ଼ିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ଼୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ଼୍‌ସ୍ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍‌ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍‌ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ୍ୟ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଚ୍ଛିନ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍, ଟେଲବିଭ୍ୟୁଡ଼ିନ୍ ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଏହା କେବଳ ନିରୋଗ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ହେପାଟାଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

*ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

ଏବେ ଶୀତରତୁର ଶେଷ ସମୟ ପହଞ୍ଚିଛି । ପ୍ରତିବର୍ଷ ରତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ । ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି । ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ । ଏହା ନିଃସନ୍ଦେହ । ଓଡ଼ିଶାର ଅନେକ ଅଞ୍ଚଳ ଜ୍ୱରର ପ୍ରାର୍ଦୁଭାବ ଦେଖାଦେଇଛି । ଇନଫ୍ଲୁଏଞ୍ଜା (ଏଚ୍‌୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତି ଏକମାସ ହେବ କବଳିତ କରି ରଖିଛି । ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ୍ୟ ଚିନ୍ତା ବଢ଼ାଇଛି । ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି । ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର । ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି । ରତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ । ବିଶେଷକରି ଗ୍ରୀଷ୍ମ ଓ ଶୀତ ରତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି । ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା । କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି । ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି । ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି । ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ । କାରଣ ଶୀତ ବଢୁଥିବା ସହିତ ପବନରେ ଜଳୀୟ ଅଂଶ ଅଧିକ ପରିମାଣରେ ରହୁଥିବାରୁ ଏହା ଧୂଳି ସହିତ ମିଶି କେବଳ ଜ୍ୱର ନୁହେଁ ଶ୍ୱାସ ସମସ୍ୟାକୁ ମଧ୍ୟ ଦ୍ୱିଗୁଣିତ କରିବାର ବଡ଼ ସମ୍ଭାବନା ସୃଷ୍ଟି କରିଥାଏ । ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି । ଏହାସହ ଅନ୍ୟ ଭୂତାଣୁରେ ମଧ୍ୟ ଲୋକମାନେ କେତେକାଂଶରେ ଆକ୍ରାନ୍ତ


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ହେଉଛନ୍ତି । ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି । ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି । ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି । ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ । ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି । ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ । ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଟୀକା ନେଇ ବ୍ୟାପକ ସଚେତନତା ବଢ଼ିବା ସହ ଏହା ପ୍ରତି ଲୋକ ମଧ୍ୟ ଦିନକୁ ଦିନ ବେଶ ସତର୍କ ଓ ଏ ନେଇ ଅଧିକ ଜାଣିବା ପାଇଁ ଆଗ୍ରହୀ ହେଲେଣି । ଦେଶରେ ଗତ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି । ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ରତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ । ଔଷଧ ଖାଇଲେ କମି ଯାଉଛି । ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ । ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି । ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ । ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ । ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି । ମାତ୍ର କେହି ପ୍ରାଣ ହରାଇ ନାହାନ୍ତି । ରତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ । ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ । ଏସବୁ କୋଭିଡ଼ ନୁହେଁ । ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି । ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି । ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ । କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି । ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି । ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ । କୌଣସି ପ୍ରକାର ତୁଟୁକା ତୁଟୁକି ବା ଦେଶୀୟ ଚିକିତ୍ସାକୁ ପ୍ରାଥମିକତା ଦେବା ଅପେକ୍ଷା ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ବିଶ୍ୱସନୀୟ ସୁଯୋଗ ନେବା ଅତ୍ୟନ୍ତ ଜରୁରୀ । ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ । ଥଣ୍ଡା ଜାତୀୟ ଖାଦ୍ୟ, ଫାଷ୍ଟଫୁଡ ଓ ଆଇସକ୍ରିମ ଠାରୁ ଯେତେ ଦୂରେଇବ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ । ଏହି ଇନଫ୍ଲୁଏଞ୍ଜା ଜ୍ୱରର ବଡ଼ ଘାତକ ପ୍ରଭାବ ପିଲାମାନଙ୍କ ଉପରେ ପଡ଼ିଥାଏ । ତେଣୁ ପିଲାମାନଙ୍କୁ ସବୁବେଳେ ଉଷୁମ ପରିବେଶରେ ରଖନ୍ତୁ । ସକାଳୁ ଥଣ୍ଡା ଲାଗି ରହୁଥିଲେ ଘରର କବାଟ ଝରକା ଖୋଲା ରଖନ୍ତୁ ନାହିଁ । ଘର ଭିତରେ ଯେପରି ଧୂଳି ଠାରୁ ଦୂରେଇ ରହିବ ସେ ଦିଗକୁ ଦେଖନ୍ତୁ । ପିଲାମାନଙ୍କୁ ଗରମ ଖାଦ୍ୟ ଓ ଘରୋଇ ହାତ ତିଆରି ଖାଦ୍ୟ ହିଁ ଦିଅନ୍ତୁ । ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ । ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*

# ଏକ ବ୍ରତଉପନୟନର ଅନୁଭୂତି

ଅନେକ ଦିନ ପରେ ମୋର ସ୍କୁଲ ଦିନର ଏକ ବାନ୍ଧବୀ ସହିତ ଟ୍ରେନର ଏକ ପ୍ରଥମ ଶ୍ରେଣୀ ଡବାରେ ଦେଖାହେଲା । ସେ ବ୍ରାହ୍ମଣ ଘରର ଝିଅ ଦେଖିବାକୁ ଅପରୂପା ସୁନ୍ଦରୀ । ସାଥିରେ ସାତ ବର୍ଷର ପୁଅଟିଏ । ପିଲାଦିନେ ସେ ମୋ ସହିତ ବିଶେଷ ମିଶୁ ନଥିଲା କାରଣ ମୁଁ ଥିଲି ବାଉରୀ ଘରର ଝିଅ । ସମୟ ବଦଳିଲା । ସେ ଯେଉଁ ଜିଲ୍ଲାରେ ଡାକ୍ତରାଣୀ ଭାବରେ କାମ କରୁଥିଲା ମୁଁ ସେଠାରେ କଲେକ୍ଟର ଭାବରେ ଯୋଗ ଦେଇଥିଲି । ଟ୍ରେନରେ କିଛି ସମୟ କଥୋପକଥନ ପରେ ଆମେ ଦୁହେଁ ନିଜ ନିଜ ବାପଘରୁ କର୍ମ ସଂସ୍ଥାନରେ ଯୋଗ ଦେଇଥିବା ଜାଗାକୁ ଫେରୁଥିବାରୁ ସେ ବହୁତ ଖୁସି ହେଲା । ମୁଁ ତାକୁ କହିଲି ଗୁଣ ବିନା ରୂପ ବ୍ୟର୍ଥ । ସେ ତାର ଚିରାଚରିତ ବୁଦ୍ଧିରେ ମତେ ସେ ଦିନ କହିଥିଲା ଜାଣିଚୁ ନମ୍ରତା ବିନା ବିଦ୍ୟାବ୍ୟର୍ଥ । ଏମିତି କଥାରେ କଥାରେ କହିଥିଲି ଉପଯୋଗ ବିନା ଧନ ବ୍ୟର୍ଥ । ସେ ମତେ ତାର ଉତ୍ତରରେ କହିଥିଲା ସାହାସ ବିନା ଅସ୍ତ୍ରଶସ୍ତ୍ର ବ୍ୟର୍ଥ । ଏହି ସମୟରେ ଟ୍ରେନରେ କିଛି ଭୋଜନ ବିକ୍ରୟ କରୁଥିବା ଲୋକ ପହଞ୍ଚିଲା କିନ୍ତୁ ତାର ପୁଅକୁ କହିଲି କଣ ଖାଇବୁ ବୋଲି ମୁଁ ପଚାରିବାରୁ ସେ ମନା କରିଦେଲା । ମୁଁ କହିଲି ଭୋକ ବିନା ଭୋଜନ ବ୍ୟର୍ଥ । ସେ ତାର ଉତ୍ତରରେ କହିଥିଲା ପ୍ରେମ ବିନା ଭାଇ ବ୍ୟର୍ଥ । ଏହି ସମୟରେ ଆମେ ଦେଖିଲୁ ଗୋଟିଏ ଲୋକ ତାର ଗୋଡ଼ ଗୁଡ଼ିକ ସରୁ କିନ୍ତୁ ହାତରେ ଗୋଟିଏ କନା ଧରି ଟ୍ରେନ ଡବାର ଚଟାଣ ଗୁଡ଼ିକୁ ପୋଛୁଛି । ଆମ ଡବାଟିକୁ ମଧ୍ୟ ପରିଷ୍କାର କରିଦେଲା । ମୁଁ ଦଶ ଟଙ୍କିଆଟିଏ ଦେବାରୁ ସେ ଭଦ୍ରଲୋକଟିକୁ କୋଡିଏ ଟଙ୍କା ଦେଲା ଓ ମତେ କହିଲା ପରୋପକାର ବିନା ଜୀବନ ବ୍ୟର୍ଥ । ମୁଁ ତାକୁ କହିଲି ଭକ୍ତି ବିନା ଭକ୍ତ ବ୍ୟର୍ଥ ଓ ଆତ୍ମା ବିନା ଶରୀର ବ୍ୟର୍ଥ ।

ଆମେ ପିଲାଦିନର ଅନେକଥା ମନେ ପକାଇ ଆମର ଆତ୍ମୀୟତା ବଢ଼ାଇଲୁ । ସେ ମତେ ତାର ପୁଅର ବ୍ରତଘରକୁ ଆସିବା ପାଇଁ ଅନୁରୋଧ ରଖିଲା । ମତେ ସେ କହିଲା ତାର ସ୍ୱାମୀ ଜଣେ ହୋଟେଲ ବ୍ୟବସାୟୀ । ଭୁବନେଶ୍ୱରର ହୋଟେଲ ସ୍ୱସ୍ତିରେ ମୋର ପୁଅର ବ୍ରତଘର ହେବ । ତୁ ବ୍ରହ୍ମଚାରୀକୁ ଆଶୀର୍ବାଦ କରିବାକୁ ନିଶ୍ଚୟ ଆସିବୁ । ନୂଆବର୍ଷରେ ତାଙ୍କ ହୋଟେଲ ସ୍ୱସ୍ତିରେ ନବ ବର୍ଷ ପାଳନ ହୁଏ । ଅନେକ ପ୍ରକାର ଆମୋଦପ୍ରମୋଦ ବ୍ୟବସ୍ଥା କରାଯାଇଥାଏ । ମୁଁ କିନ୍ତୁ ନବ ବର୍ଷ ଆମୋଦ ପ୍ରମୋଦ, ଜନ୍ମଦିନ, ବିବାହ ବାର୍ଷିକୀ ଏ ସବୁରେ ବିଶେଷ ଉତ୍ସାହ ଦେଖାଇ ନଥାଏ କାରଣ ଏସବୁ ଆମ ଗରୀବ ପରିବାରରେ ନଥିଲା । ମୁଁ ତାକୁ କହିଲି ଜାଣିଚୁ ନିଦ୍ରା ଦୁଇ ପ୍ରକାର । ପ୍ରଥମଟି କ୍ଷୁଦ୍ର ନିଦ୍ରା ଓ ଦ୍ୱିତୀୟଟି ଚିରନିଦ୍ରା । କ୍ଷୁଦ୍ରନିଦ୍ରା ଭଙ୍ଗ ହେଲେ ମନୁଷ୍ୟ ଜାଣିପାରେ ଯେ ଜୀବନର ପ୍ରତିଟି ମୁହୂର୍ତ୍ତ ନୂତନ ଏବଂ ଗୋଟିଏ ମୁହୂର୍ତ୍ତ ଅନ୍ୟ ଠାରୁ ଭିନ୍ନ ନୁହେଁ ଓ ଡାକ୍ତରାଣୀଙ୍କୁ ଚିର ନିଦ୍ରା ବୁଝାଇବା ଦରକାର ନାହିଁ । ଏ ପୃଥିବୀରେ ହଜାର ହଜାର ବର୍ଷ ବିତିଗଲାଣି । ଲକ୍ଷ ଲକ୍ଷ ସମୟ ମଧ୍ୟ ବିତିଗଲାଣି । ତେଣୁ ମୁଁ ନବ ବର୍ଷରେ ବିଶ୍ୱାସ ନ ରଖୁଥିଲେ ମଧ୍ୟ ତୋର କଥା କିନ୍ତୁ ରଖିବି । ଟ୍ରେନରୁ ଓହ୍ଲାଇ ଯେ ଯାହାର ଗନ୍ତବ୍ୟ ପଥରେ ଚାଲିଗଲୁ । ନବ ବର୍ଷ ଦିନ ଓ ବ୍ରତ ଉପନୟନ ଦିନ ମୁଁ ମୋର ବାନ୍ଧବୀର କଥା ରଖି ହୋଟେଲ ସ୍ୱସ୍ତିକୁ ଯାଇଥିଲି । ମୋର ବ୍ରତ ଉପନୟନ ବିଷୟରେ ବିଶେଷ କିଛି ଜ୍ଞାନ ନଥିଲା । ତେଣୁ ସେଥିପାଇଁ ମୋର ବହୁତ କୌତୁହଳ ଥିଲା । ସକାଳ ଓଳି ଅନେକ କର୍ମ କରାଯାଇଥିଲା । ମୁଁ ପଚାରିବାରୁ ବ୍ରାହ୍ମଣ କହିଥିଲେ ନଅ କର୍ମ ମଧ୍ୟରୁ ଚାରିକର୍ମ ସରିଗଲାଣି । ଏସବୁ କର୍ମ ସଂସ୍କାର ପାଇଁ କରାଯାଏ । ଦେଖିଲି ବ୍ରତଘରେ କର୍ଣ୍ଣମନ୍ତ୍ର, କର୍ଣ୍ଣବେଦ, ବଳକଳ ପରିଧାନ, ପଳାଶଦଣ୍ଡ ଧାରଣ, କଠଉ ପରିଧାନ, ମୁକୁଟ ପରିଧାନ ପ୍ରଭୃତି କରାଗଲା । କୌତୁହଳବଶତଃ ବ୍ରାହ୍ମଣଙ୍କୁ ପଚାରିବାରୁ ସେ କହିଥିଲେ ବ୍ରହ୍ମ ଉପଦେଶ


ଅନୀତା ପଟ୍ଟନାୟକ

ହେଉଛି ଉପନୟନ । ଉପନୟନ ଅର୍ଥ ନିକଟକୁ ନେବା । ବାଳବ୍ରହ୍ମଚାରୀଙ୍କୁ ବ୍ରହ୍ମଙ୍କ ନିକଟକୁ ନେବା ହେଉଛି ଏହାର ଉଦ୍ଦେଶ୍ୟ ଏଠାରେ ବ୍ରହ୍ମ ଜିଜ୍ଞାସା କରାଯାଇ ବ୍ରହ୍ମଙ୍କ ନିକଟକୁ ଯିବାର ପଥକୁ ବତାଇ ନିଆଯାଏ । ସଂସ୍କାର ଦ୍ୱାରା କର୍ମରେ ପବିତ୍ରତା ଅଣାଯାଇଥାଏ । ସଂସ୍କାର ନୂତନ ଚରିତ୍ର ଗଠନ କରେ । ମନକୁ ପବିତ୍ର କରି ପୁର୍ନଗଠନ କରେ । ସେ ଦିନ ସେ ଦ୍ୱିଜ ହୁଏ (ଦୁଇଥର ଜନ୍ମ) ପ୍ରଥମେ ପିଲାଟି ଜନ୍ମ ହୋଇଥାଏ ସାଧକ ଭାବେ ପରେ ସେ ବ୍ରହ୍ମଚାରୀ ହୋଇ ବ୍ରହ୍ମ ମାର୍ଗରେ ଚାଲିଥାଏ । ତେଣୁ ଏହା ଏକ ଅତି ପବିତ୍ର ଦିନ । ତାର ହୃଦୟ ଭଗବାନଙ୍କୁ ପାଇବା ପାଇଁ ସେହିଦିନ ଠାରୁ ନୂତନ ମୋଡ଼ ନିଏ ଓ ଭଗବାନଙ୍କ ନିକଟରୁ ସେ ଯେପରି ଦୂରେଇ ନଯାଏ ସେଥିପାଇଁ ଚେଷ୍ଟିତ ହୁଏ । ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଏ । ବ୍ରାହ୍ମଣ ଜଣକ ମଧ୍ୟ ମତେ ବୁଝାଇ କହିଲେ ଗାୟତ୍ରୀ ମନ୍ତ୍ର ମଧ୍ୟ ଏକ ଓଁ କାରର ଧ୍ୱନୀ ଯାହାକି ସଚରାଚର ଜଗତରେ ପ୍ରତିଧ୍ୱନିତ ହେଉଛି । ସେହି ଶବ୍ଦକୁ ଶୁଣିବାକୁ ହେଲେ ନିସ୍ତବ୍ଧତା ନିତ୍ୟାନ୍ତ ଆବଶ୍ୟକ । ଶବ୍ଦ ମଧ୍ୟରେ ନିସ୍ତବ୍ଧତା ଥାଏ । ନିସ୍ତବ୍ଧତା ମଧ୍ୟରେ ଶବ୍ଦ ଥାଏ । ଶବ୍ଦ ମଧ୍ୟରେ ଓଁକାରର ଧ୍ୱନିକୁ ଯୋଗୀ ଋଷିମାନେ ଶୁଣି ପାରନ୍ତି କିନ୍ତୁ ନିସ୍ତବ୍ଧତା ମଧ୍ୟରେ ଶବ୍ଦ ଶୁଣିବାକୁ ଆମର ସାଧନାର ଆବଶ୍ୟକତା ରହିଛି । ଆଖିପତା ଉଠୁଥିବା ପଡୁଥିବା ସମୟରେ ଶୀତ ଦିନେ ପତର ଉପରେ କାକର ପଡୁଥିବା ସମୟରେ ମଧ୍ୟ ଓଁକାରର ଧ୍ୱନି ପ୍ରତିଧ୍ୱନିତ ହୁଏ । ମୁଁ ପଚାରିଲି ମନ୍ତ୍ର ଶବ୍ଦର କଣ କିଛି ମୂଲ୍ୟ ଅଛି ? ସେ କହିଲେ ଯଦି ଶବ୍ଦର କୌଣସି ଅର୍ଥ ନାହିଁ ତେବେ ବିଷଧର ସର୍ପ ସଂଗୀତରେ ବିମୋହିତ ହେଉଛି କିପରି ? ପିଲାଟି ଦୋଳିରେ ଥାଇ କାନ୍ଦୁଥିବା ସମୟରେ ଶାନ୍ତ ହେଉଛି କିପରି ତେଣୁ ଗାୟତ୍ରୀ ମନ୍ତ୍ର ଅତ୍ୟନ୍ତ ଶକ୍ତିଶାଳୀ ଓ ପ୍ରଣବ ସ୍ୱରୂପ । ନିଶ୍ଚଳ ଆତ୍ମତତ୍ତ୍ୱକୁ ନିର୍ମଳତା ଓ ବିଶ୍ୱାସ ରଖିଲେ ପାଇହୁଏ । ଆମେ କୌଣସି ଜିନିଷ ପ୍ରାପ୍ତ ହେଲେ ଖୁସି ହେଉ କିମ୍ବା ନପାଇଲେ ଦୁଃଖିତ ହେଉ । ବିଶ୍ୱାସ ଏକ ଶକ୍ତି ନୁହେଁ ଯାହାଦ୍ୱାରା କି ଆମେ ଯେପରି ଚାହୁଁଛୁ ସେପରି ହେବ । ବିଶ୍ୱାସ ହେଉଛି ଏକ ସାହାସ ଯାହାଦ୍ୱାରା କି କୌଣସି କାର୍ଯ୍ୟକୁ ସମ୍ମୁଖିନ ହେବାରେ ସାହାଯ୍ୟ କରେ । ମୁଁ ତାଙ୍କୁ ପଚାରିଲି ଜଣେ ବ୍ରହ୍ମଚାରୀ କିପରି ଜୀବନ ବିତାଇବା ଦରକାର ? ସେ କହିଲେ ଜପଧ୍ୟାନ ତାର ଜଳଖିଆ, ପୂଜାର୍ଚ୍ଚନା ତାର ମଧ୍ୟାହ୍ନ ଭୋଜନ, ସଦଗ୍ରନ୍ଥ ପଠନ, ପାରାୟଣ, ସତଚିନ୍ତନ, ଲିଖିତଜପ, ଅପରାହ୍ନର ଚା ପାନର ସମୟ । ଆତ୍ମଶାନ୍ତି ଓ ସୁସ୍ଥ ଜୀବନ ପାଇଁ ଶୋଇବା ପୂର୍ବରୁ କ୍ଷୀର କପେ ଓ ଆତ୍ମ ଚିନ୍ତନ ନିତ୍ୟାନ୍ତ ଆବଶ୍ୟକ । ଦେଖିଲି ବ୍ରହ୍ମଚାରୀ ଶାନ୍ତଶିଷ୍ଟ ଭାବେ ବସିଛନ୍ତି । ଅତିଥିଗଣ ବିଭିନ୍ନ ପ୍ରକାର ଉପହାର ବ୍ରହ୍ମଚାରୀଙ୍କୁ ପ୍ରଦାନ କରୁଛନ୍ତି । ହୋଟେଲରେ ଧାଡ଼ି ଧାଡ଼ି ହୋଇ ଆମିଷ ନିରାମିଷ ଖାଦ୍ୟ ବଢ଼ାଯାଇଛି । ସୁନ୍ଦର ତରୁଣୀମାନେ ପରିଚାରିକା ଭାବେ କାମ କରୁଛନ୍ତି । ବାଉରୀ ଘରର ଝିଅଟିଏ ମୁଁ । ମୁଁ ଭାବିଲି ଏହା କଣ ବ୍ରହ୍ମଙ୍କ ପାଖକୁ ଯିବା ରାସ୍ତା ? ତେଣୁ ପିଲାଟିକୁ ଆଶୀର୍ବାଦ କରି ଘରକୁ ଫେରି ଆସିଲି ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬*

# ରାମାୟଣର ଦୁଇଟି କାହାଣୀ

ମହାକାବ୍ୟ ରାମାୟଣ ଭାରତୀୟ ଧର୍ମ, ଦର୍ଶନ, ଶାସ୍ତ୍ରର ପ୍ରଥମ ଉତ୍ସ । ଏହା ଭାରତୀୟ ଜନତାଙ୍କ ପାଇଁ ସତେଯେପରି ଏକ ପ୍ରକାଶ ସ୍ତମ୍ଭ । ଅନ୍ଧାରିତ ଓ ଅଦ୍ଭୁତ ଅବସ୍ଥାରେ ହିନ୍ଦୁ ଜାତି ପ୍ରତି ଏହା ଉତ୍ସାହର ସ୍ରୋତ । ରାମାୟଣରେ ବିଭିନ୍ନ ପ୍ରସଙ୍ଗ ଆଲୋକପାତ ହୋଇଛି । ଆସନ୍ତୁ ଆଜିର ଆଲୋଚନାରେ ଦୁଇଟି ପ୍ରସଙ୍ଗ ଏଠାରେ ଉଲ୍ଲେଖ କରିବା ।

ଦଶରଥ ଅପୁତ୍ରିକ ହେବାର କାରଣ

କବି ଜଗନ୍ନାଥ ଦାସ ବ୍ରହ୍ମ ଶାପରେ ଦଶରଥ ଅପୁତ୍ରିକ ହୋଇଥିବା ବର୍ଣ୍ଣନା କରିଛନ୍ତି । ବର୍ଣ୍ଣିତ ଅଛି ଦଶରଥଙ୍କ ସୁକର୍ମରେ ସନ୍ତୁଷ୍ଟ ହୋଇ ଦେବରାଜ ଇନ୍ଦ୍ର ତାଙ୍କ ସହିତ ମିତ୍ରତା ସ୍ଥାପନ କରିଥିଲେ । ଫଳରେ ସେ ସ୍ୱଦେହରେ ସ୍ୱର୍ଗ ଦର୍ଶନ ଓ ଦେବ ସଭାରେ ଯୋଗଦାନ କରିବା କେବଳ ଦଶରଥଙ୍କ ଭାଗ୍ୟରେ ହିଁ ଜୁଟିଥିଲା । ତେତିଶ କୋଟି ଦେବତାଙ୍କ ଦ୍ୱାରା ସ୍ୱର୍ଗର ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେବାଲାଗି ଦଶରଥ ସ୍ୱର୍ଗାଭିମୁଖେ ଯାତ୍ରା କରୁଥିବା ସମୟରେ ରାଣୀ କୌଶଲ୍ୟା ସେହିଦିନ ସ୍ୱର୍ଗରୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଅନୁରୋଧ କରିଥିଲେ । ରାଜା ଦଶରଥ ମଧ୍ୟ ସେହିଦିନ ଇନ୍ଦ୍ରଙ୍କ ଠାରୁ ଅନୁମତି ପାଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ


ଡାକ୍ତର ଦିଲ୍ଲୀପ କୁମାର ମହାରଣା

କରୁଥିବା ସମୟରେ କପିଳାଦ୍ୱାରା ଅଭିଶାପ ପାଇଥିଲେ ଯେ ପ୍ରଥମ ଗର୍ଭରେ ତୋର କନ୍ୟା ଜାତ ହେବ ଏବଂ ତତପରେ ପୁତ୍ର ଲାଭ ହେବ । କପିଳାର ଏହି ଅଭିଶାପ ଦଶରଥଙ୍କ ଜୀବନରେ ସତ୍ୟରେ ପରିଣତ ହୋଇଥିଲା ।

ସୂର୍ପଣଖା ପ୍ରସଙ୍ଗ ଦଣ୍ଡକାରଣ୍ୟରେ ରାମଲକ୍ଷ୍ମଣ ସୀତା ବନବାସ କରୁଥିବା ସମୟରେ ଲକ୍ଷ୍ମଣ ମୃଗୟା ନିମିତ୍ତ ବନ ମଧ୍ୟରେ ଅନ୍ୱେଷଣରେ ଥିବାବେଳେ ଗୁଳ୍ମଲତା ତଳେ ତପସ୍ୟା କରୁଥିବା ସୂର୍ପଣଖା ପୁତ୍ର ଜପାସୁର ଲକ୍ଷ୍ମଣଙ୍କ ଶରାଘାତରେ ମୃତ୍ୟୁ ବରଣ କରିଛି । ମୃଗ ଭାବି ଦାନବର ମୃତ୍ୟୁ ପରବର୍ତ୍ତୀ କାଳରେ ସୂର୍ପଣଖାର ମାନସିକ ସ୍ତରରେ ପରିବର୍ତ୍ତନ ଆଣିଛି । ପୁତ୍ର ନିଧନ ପରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପଞ୍ଚବଟୀରେ ଏକାକୀ ଦେଖି ତାଙ୍କୁ ନିଧନ କରିବା ଲାଗି ଅସୁରୀ ରୂପ ପରିତ୍ୟାଗ କରି ଏକ ସୁନ୍ଦରୀ ନାରୀ ରୂପ ଧାରଣ କରିଛି । ତତପରେ ସତୀ ସୀତାଙ୍କ ନିକଟରେ ଏକ ସ୍ୱାମୀ ପରିତ୍ୟକ୍ତା ନାରୀ ହୃଦୟର ଅଶ୍ରୁଳଭରା ଦୁଃଖ କାହାଣୀ କହି ସୀତାଙ୍କ ମନରେ ସମବେଦନାର ଉଦ୍ରେକ କରାଇଛନ୍ତି । ଯାହାଫଳରେ ସୂର୍ପଣଖାକୁ ଗ୍ରହଣ କରିବା ଲାଗି ସତୀସୀତା ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଲକ୍ଷ୍ମଣ ସୀତାଙ୍କର ଏହି ନିର୍ଦ୍ଦେଶକୁ ମାନିନେଇନାହାନ୍ତି । ସୂର୍ପଣଖାର ଅସଲ ସ୍ୱରୂପ ସେ ଚିହ୍ନିପାରି ଏହା ଏକ ଅସୁରୀର ମାୟା ଭାବି ତାର ନାଶିକା ଓ କର୍ଣ୍ଣ ଛେଦନ କରିଛନ୍ତି । ବାଲ୍ମିକୀ ତାଙ୍କ ରାମାୟଣରେ ସୂର୍ପଣଖା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ସୁଗ୍ରୀବ ରାବଣର ଭଗ୍ନ ସୂର୍ପଣଖା, ମାର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କୁ ଦେଖି କାମାତୁରା ହୋଇଛି । ରାମଚନ୍ଦ୍ରଙ୍କର ତପସ୍ୱୀ ବେଶର କାରଣ ସହିତ ସତୀ ସୀତାଙ୍କୁ ପରିତ୍ୟାଗ କରି ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପିତ କରିଛି । କିନ୍ତୁ ରାମଚନ୍ଦ୍ର ତାକୁ ଗ୍ରହଣ ନକରି ଲକ୍ଷ୍ମଣଙ୍କ ନିକଟକୁ ପଠାଇ ଦେଇଛନ୍ତି । ରାମଚନ୍ଦ୍ରଙ୍କ ଆଦେଶ ମୁତାବକ ରାକ୍ଷସୀ ସୂର୍ପଣଖା ଲକ୍ଷ୍ମଣଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଅନ୍ତରର କଥା କହିବା ସଙ୍ଗେ ସଙ୍ଗେ ତାକୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଛି । ସୂର୍ପଣଖାର ଏ ପ୍ରସ୍ତାବକୁ ଗ୍ରହଣ କରିପାରିନାହାନ୍ତି ଲକ୍ଷ୍ମଣ । ସତୀ ସୀତାଙ୍କର କୁତ୍ସିତ ରୂପ ବର୍ଣ୍ଣନା ଶୁଣି ଲକ୍ଷ୍ମଣ ପରିହାସ କରି ସୂର୍ପଣଖାକୁ ରାମଚନ୍ଦ୍ରଙ୍କ ନିକଟକୁ ପଠାଇ ଦେଇଛନ୍ତି । ପୁନରାୟ ଗଭୀର ଆଶା ଓ ଅକାଙ୍କ୍ଷା ଭିତରେ ପ୍ରସ୍ତାବ ଦେଇଛନ୍ତି ରାମଚନ୍ଦ୍ରଙ୍କର କନିଷ୍ଠାପତ୍ନୀ ହୁଅ । ଲକ୍ଷ୍ମଣର ପରିହାସ ସୂର୍ପଣଖା ବୁଝିନପାରି ରାମଚନ୍ଦ୍ରଙ୍କ ସମ୍ମୁଖରେ ସତୀ ସୀତାଙ୍କୁ ଭକ୍ଷଣ କରିବାକୁ ଅଗ୍ରସର ହେବାରୁ ତତକ୍ଷଣାତ ରାମଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ତାହାକୁ ବିରୂପ କରିଛନ୍ତି । ନାସା ଓ କର୍ଣ୍ଣ ହରାଇ ବର୍ଷାରତୁର ଘୋର ଗର୍ଜନ ପରି ଭୀଷଣ ଗର୍ଜନ କରି ବନ ମଧ୍ୟରେ ପ୍ରବେଶ କରିଛି ସୂର୍ପଣଖା ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

କରୁଛନ୍ତି କାହାକୁ ଅଗୋଚର ?! ସର୍ବସାଧାରଣ ରାଷ୍ଟ୍ରୀୟ ସମ୍ପତ୍ତି ଉପରେ ସମଗ୍ର ଦେଶର ଜନତାଙ୍କ ଅଧିକାର ରହିଥିବା ବେଳେ ସେଗୁଡିକୁ କିଏ କେମିତି ବ୍ୟବହାର କରୁଛନ୍ତି କୌଣସି ଗୁପ୍ତ ନାହିଁ କାହାକୁ । ରାଷ୍ଟ୍ରୀୟ ଶାସନ ପ୍ରଶାସନିକ ଦାଇତ୍ୱ ଟେକିଦେଇଥିବା ସାଧାରଣ ଲୋକଙ୍କ ସମ୍ପତ୍ତିକୁ ନିଜସ୍ୱ କରାୟତ କରି ମନମୁତାବକ ବ୍ୟବହାର କରିପାରିବା କ୍ଷମତା କାହାକୁ ଦିଆଯିବା ଲୋକତନ୍ତ୍ର ପରିସରଭୁକ୍ତ ନା ଏକକ କ୍ଷମତା ସମ୍ପନ୍ନ ପରିସରଭୁକ୍ତ ହୋଇଥାଏ ?! ଆଉ ସେସବୁ ଆମ ଦେଶରେ କିଭଳି ପରିଚାଳିତ ହେଉଛି କାହାକୁ ଅଜଣା ଅଛି । ଏହା ଲୋକତନ୍ତ୍ରର ନିଦର୍ଶନ କି ? ରାଷ୍ଟ୍ରୀୟ ସମ୍ପତ୍ତିର ରକ୍ଷଣାବେକ୍ଷଣ ତଥା ପରିଚାଳନା କରି ଉନ୍ନତି କରିବା କ୍ଷମତା ନଥିବା ମଣିଷ ନିଜ ଅକ୍ଷମତା ସ୍ୱୀକାର କରି ଅନ୍ୟ କାହାକୁ ଶାସନ ଭାର ପ୍ରଦାନ କରିବା ପ୍ରୟାସ କରିବା ଲୋକତନ୍ତ୍ର ହୋଇଥାଏ । କି'ନ୍ତୁ ସେଗୁଡିକୁ ଶାଗମାଛ ଦରରେ ବ୍ୟକ୍ତିଗତ ଭାବେ ଟେକିଦେବା କୌଣସି ମତେ ଗ୍ରହଣୀୟ ହୋଇପାରିବ ନାହିଁ ଲୋକତନ୍ତ୍ରରେ । ଏମିତି ଅଜସ୍ର ବିଷୟ ଆମ ଦେଶରେ କେତେକ ଅଲୌକିକ ନିୟମ ପରିଚାଳିତ ବ୍ୟବହୃତ ହୋଇ ଆସୁଥିବା ସମସ୍ତଙ୍କୁ ଗୋଚର । ତଥାପି ଆମେ ଯଦି ତାକୁ ଗଣତନ୍ତ୍ର ବୋଲି କହିବା ହୁଏତ ଆମଠାରୁ ଅଜ୍ଞାନ ଆଉ ସଂସାରରେ ନଥିବେ ବୋଲି ଆମ ବିଚାର । (କ୍ରମଶଃ)

*ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ : ୯୪୩୭୩୨୪୯୧୭.*

# କୃଷି ଦୁନିଆ



## ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

ସୁବ୍ରତ କୁମାର ମହାନ୍ତି

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ। ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ। ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା। ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି। ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ। ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ। ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ। ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ। ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ। ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ। ତତ୍ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ।



**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ। ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି। ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ। କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ। ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ। ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ। ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ। ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ। ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ। କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ। ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ। ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ।



**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ ବ୍ୟବହାର ଯୋଗ୍ୟ। ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ। ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ। ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍। ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ। ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ। ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ। ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

## କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ। ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ। ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି। ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ। ଏଣୁ ସେମାନେ ଭାଗଚାଷ କରନ୍ତି। ସାଧାରଣତଃ ଗାଁହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ। ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ। ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି। କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ। ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି। କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି। ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ। ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି। ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ। ଏହାଦ୍ୱାରା ଅଧିକ ଅମଳ ହୋଇଥାଏ। କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ। ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ। ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି। ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ। ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ। ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ। ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ।



ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ। ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ? ଖାଦ୍ୟ ଆସିବ କେଉଁଠାରୁ। ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର। ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ।



କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ। ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ। ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ। ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ। ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ।

କୃଷି ସ୍ନାତକୋତ୍ତର , ଓୟୁଏଟି

## ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



ବିଜ୍ଞାନ ମିହିର ରାଉତ

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି। ଏହାର ମୂଳ ବାସସ୍ଥାନ ଆଫ୍ରିକା। ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା। କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା। ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ। ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ। ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ। ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ। ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ। ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଘନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଟି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ। ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବିକାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି। ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି।




# ‘ଗୁହାରି’ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଂଧ୍ୟାରେ ଶ୍ରୀଜଗନ୍ନାଥଙ୍କୁ ଭକ୍ତିପୂତ ସଙ୍ଗୀତର ନୈବେଦ୍ୟ



ଭୁବନେଶ୍ୱର (ପିଏନ୍)-ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ସମାରୋହ ‘ଗୁହାରି’ର ଉଦ୍‌ଯାପନୀ ସଂଧ୍ୟାର ପ୍ରଥମ କଣ୍ଠଶିଳ୍ପୀ ଥିଲେ ରବୀନ୍ଦ୍ର ନାଥ ମିଶ୍ର। ସେ ପରିବେଷଣ କରିଥିଲେ ନାଉରିଆ କରି ଦେ ପାରି ଓ ବଡ଼ ଦାଣ୍ଡ ଧୂଳି ଉଡ଼େଇ ଉଡ଼େଇ ନନ୍ଦିଘୋଷ ଗଡ଼ିଯାରେ । ପରେ ପରେ ଆଦ୍ୟାଶା ଦାସଙ୍କ ଦ୍ୱାରା କଳା କଳା ଚକା ଡ଼ୋଳା ଘନ କଳା ବଦନ ଓ ଆକାଶ ଦିଶେ କି ସୁନ୍ଦର ପରିବେଷିତ ହୋଇଥିଲା। ପରବର୍ତ୍ତୀ ଗାୟକ ଥିଲେ ସୁକାନ୍ତ କୁମାର କୁଣ୍ଡୁ, ସେ ପରିବେଷଣ କରିଥିଲେ ଜୀବନର ବନ୍ଧୁ ଜାଣିଛି ତୁମ କଥା ଏତିକି ଓ ନୀଳାଚଳେ ଲାଗିଛି ଲୀଳା । ପରବର୍ତ୍ତୀ କଣ୍ଠଶିଳ୍ପୀ ଥିଲେ ଆଶା ମୁକୁଳ ବାରିକ୍, ସେ ଦିନବନ୍ଧୁ ମୋ ଦୁଃଖ ନଗଲା ମୋର ଥିବାଯାଏ ପ୍ରାଣ, ତୁଣ୍ଡ ଗାଉଥିବ ପ୍ରଭୁ ନାରାୟଣ ଓ ନନ୍ଦିଘୋଷ ତୋର ଅଟକି ଗଲା ଗାୟନ କରିଥିଲେ। ଶେଷରେ ଅନ୍ତରା ଚକ୍ରବର୍ତ୍ତୀ ଜଗନ୍ନାଥଙ୍କ ଉପରେ ସଙ୍ଗୀତ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ସେମାନଙ୍କୁ ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା, ଢୋଲକରେ ଅବନୀକାନ୍ତ ଦାସ, ବଂଶୀରେ ଜବାହାର ମିଶ୍ର, ଅକ୍‌ଟୋପ୍ୟାଡ଼ରେ ପ୍ରିୟରଂଜନ ମହାନ୍ତି, କିବୋର୍ଡ଼ରେ ନରେନ୍ଦ୍ର କୁମାର ମହାପାତ୍ର ଏବଂ ଗିଟାରରେ ଭବତୋଷ ମହାନ୍ତି ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବଟିକୁ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସମ୍ପାଦକ ଗୁରୁ ଅରୁଣା ମହାନ୍ତି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମାନସ୍ୱିନୀ ସାହୁ। ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ହେଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଂଜନ କୁମାର ଦାସ; ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଶ୍ରୀଯୁକ୍ତ ପ୍ରବୋଧ ରଥ ଓ ଗୁରୁ କେଳୁଚରଣ ମହାପାତ୍ର, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।



ଯେ ଓ ଜଗବନ୍ଧୁ ହେ ଗୋସାଇଁ ଗାୟନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ପରେ ପରେ ସୁଧାକର ମିଶ୍ର ଗାୟନ କରିଥିଲେ ଅଧା ଗଢା ଦିଅଁଙ୍କର ଦେଖ ଚକା ଆଖିକି ଓ ଶ୍ରୀ ମନ୍ଦିର ଥରେ ଯିଏ ଯାଇନି। ତାଙ୍କ ପରେ ବସନ୍ତ ପାତ୍ର ପିଣ୍ଡରେ

## ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୧ତମ ଜନ୍ମବାର୍ଷିକୀ ଅବସରରେ ରକ୍ତଦାନ କରି ଶ୍ରଦ୍ଧାଞ୍ଜଳି ଦେଲେ ଯୁବକ, ଯୁବତୀ

ଭୁବନେଶ୍ୱର (ପିଏନ୍): ଭାରତୀୟ ଜନସଂଘର ପ୍ରତିଷ୍ଠାତା ତଥା ବିଶିଷ୍ଟ ଜନନାୟକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୧ତମ ଜନ୍ମବାର୍ଷିକୀ ପାଳନ ଅବସରରେ ରାଜଧାନୀ ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ପରିସର ମଧ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ପକ୍ଷରୁ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ରୂପେ ସେଞ୍ଚୁରିୟାନ୍ ବ୍ଲଡ଼ ଡ଼ୋନର ଗୋପୀମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଡାକ୍ତର ଦେବାଶିଷ ମିଶ୍ର, ଜିଲ୍ଲା ଯୁବ ଅଧିକାରୀ ବିପିନ କୁମାର, ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଡ. ମୁଖାର୍ଜୀଙ୍କ ତ୍ୟାଗ, ସେବା ଓ ବଳିଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଶିବିରରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଯୁବକ, ଯୁବତୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର ଖୋର୍ଦ୍ଧାର କର୍ମଚାରୀ କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ତିନିମୁହାଣୀରେ ମାଛ ମାର୍କେଟ ଯୋଗୁଁ ଟ୍ରାଫିକ ଜାମ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ତିନିମୁହାଣୀଠାରେ ଥିବା ମାଛ ମାର୍କେଟ ଯୋଗୁ ଉତ୍କଟ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଲୋକମାନେ ମନଇଛା ରାସ୍ତା ଉପରେ ଗାଡିମଟର ରଖି ମାଛ କିଣୁଛନ୍ତି। ଏ ନେଇ ବ୍ୟବସାୟୀମାନେ ଗ୍ରାହକମାନଙ୍କୁ ସଚେତନ କରୁନାହାଁନ୍ତି। ତେଣୁ ଗ୍ରାହାକମାନେ ରାସ୍ତା ଉପରେ ଗାଡିମଟର ରଖି ଟ୍ରାଫିକ ଜାମ କରୁଛନ୍ତି। ବିଶେଷ କରି ବୁଧବାର ଓ ରବିବାର ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି। ସପ୍ତାହରେ ଏହି ଦୁଇ ଦିନ ମାଛ କିଣିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଲାଗିଛି। ତେଣୁ ଲୋକେ ମାଛ ବଜାରରେ ଭିଡ଼ ଜମାଉଛନ୍ତି। କିନ୍ତୁ ଲୋକମାନେ କେଉଁଠାରେ ଗାଡି ରଖିବେ ସେ ନେଇ ବେପାରୀମାନେ ଗ୍ରାହକମାନଙ୍କୁ ସଚେତନ କରୁନାହାଁନ୍ତି। ଫଳରେ ଏଭଳି ପରିସ୍ଥିତି ଉପୁଜିଛି। ଜଣେ ଗ୍ରାହକଙ୍କ କହିବାନୁଯାୟୀ ପୁରୁଣା ବସଷ୍ଟାଣ୍ଡରେ ଏକ ସ୍ୱତନ୍ତ୍ର ମାଛ ମାର୍କେଟ ରହିଛି। ଅନୁରୂପ ଭାବେ ତିନିମୁହାଣୀଠାରେ ମଧ୍ୟ ଏକ ସ୍ୱତନ୍ତ୍ର ମାଛ ମାର୍କେଟର ଆବଶ୍ୟକତା ରହିଛି। ଏ ନେଇ ପୌରପାଳିକା ସ୍ଥାନ ନିରୂପଣ କରିବା ଉଚିତ। ଯାହା ଫଳରେ ଲୋକମାନେ ସୁରକ୍ଷିତ ଭାବେ ଗାଡି ରଖି ମାଛ



କିଣିପାରିବେ। କିନ୍ତୁ ପୌରପାଳିକା କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଛି ବୋଲି ଗ୍ରାହକ ଜଣକ କହିଛନ୍ତି। ସେହିପରି ଅନ୍ୟ ଜଣେ ଗ୍ରାହକଙ୍କ କହିବାନୁଯାୟୀ ତିନିମୁହାଣୀ ନିକଟବର୍ତ୍ତୀ ଯେଉଁ ଲୋକମାନେ ରହୁଛନ୍ତି ସେମାନଙ୍କୁ ପୁରୁଣା ବସଷ୍ଟାଣ୍ଡ ମାଛ ମାର୍କେଟକୁ ଯାଇ ମାଛ କିଣିବା ଅଧିକ ବାଟ ହେଉଛି। ତେଣୁ ସେମାନେ ବାଧହୋଇ ଅସୁରକ୍ଷିତ ଭାବେ ଗାଡିମଟର ରଖି ତିନିମୁହାଣୀ ମାଛ ମାର୍କେଟରୁ ମାଛ କିଣୁଛନ୍ତି। ତେଣୁ ତିନିମୁହାଣୀରେ ଏକ ସ୍ୱତନ୍ତ୍ର ମାଛ ମାର୍କେଟ ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏ ନେଇ ପୌରପାଳିକା ନିକଟରେ ଲୋକେ ଦାବି କରିଛନ୍ତି। ଜଣେ ବ୍ୟବସାୟୀ କହିଛନ୍ତି ଆମ୍ଭେମାନେ ମଧ ପୌରପାଳିକା ନିକଟରେ ଦାବି କରିଛୁ ଏକ ସ୍ୱତନ୍ତ୍ର ମାଛ ମାର୍କେଟ ନିର୍ମାଣ କରିବା ପାଇଁ। ଏହା ହୋଇପାରିଲେ ଗ୍ରାହକମାନେ ସୁରକ୍ଷିତ ଭାବେ ମାଛ କିଣିପାରିବେ। ଏହି ଭିଡ଼ ହେବା ଯୋଗୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। କାରଣ ଲୋକମାନେ ରାଜପଥରେ ଗାଡିମଟର ରଖି ମାଛ କିଣୁଛନ୍ତି। ଯାହାଦ୍ୱାରା ସେମାନଙ୍କ ଜୀବନ ମଧ ଅସୁରକ୍ଷିତ ହୋଇପଡୁଛି।

## ବ୍ରିଗେଡ୍ ସ୍କୁଲ ଶିକ୍ଷକ ପ୍ରଶିକ୍ଷଣ

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲ, ଭୂଷଣ୍ଡପୁରର ଏକ ଶିକ୍ଷକ ପ୍ରଶିକ୍ଷଣ ଆଲୋଚନାଚକ୍ର ଅଧ୍ୟକ୍ଷ ବ୍ରଜବଂଧୁ ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ଓ ଗଣିତ ଶିକ୍ଷାଦାନକୁ କିପରି ଆକର୍ଷଣୀୟ ହେବ ଏବଂ ଛାତ୍ରଛାତ୍ରୀଙ୍କ ମନଛୁଆଁ ହେବ, ସେ ବିଭିନ୍ନ ପ୍ରଣାଳୀ ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ବ୍ରିଗେଡ୍ ସ୍କୁଲ ସମୂହର ରାଜ୍ୟ ସଭାପତି ସତ୍ୟବାଦୀ ବଳିଆରସିଂହ, ପୁରୀ ଡାଏଟର ବରିଷ୍ଠ ପ୍ରଶିକ୍ଷକ ତଥା ନିମାପଡ଼ା ସିଟି ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ରାଜ୍ୟ ଓପେପାର ସାଧନ ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ ଓ ସାଗରିକା ସାହୁ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ସର୍ବଶ୍ରୀ ଦିବ୍ୟରଂଜନ ସାହୁ, ରୁଦ୍ରନାରାୟଣ ସାହୁ, ହରପ୍ରିୟା ମଂଗରାଜ, ରାଲି ସାହୁ, ପ୍ରିୟମ୍ବଦା ସାମନ୍ତରାୟ, ମହାଶ୍ୱେତା ପାଟଶାଣୀ, ଜୁଲି ବେହେରା ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ସଂଜୟ ପଟ୍ଟନାୟକ ଓ ବିରଂଚି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ତର୍ଜାତିୟ ଯୋଗ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ଶ୍ରୀ ଯୋଗ ବେଦାନ୍ତ କଳା ନିକେତନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଶିବିରରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀମାନେ ଅଂଶଗ୍ରହଣ କରି ଯୋଗ ଶିକ୍ଷା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପିତାମ୍ବର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯୋଗ ଗୁରୁ ସଞ୍ଜୟ ମଥାନ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସମସ୍ତଙ୍କୁ ବିଭିନ୍ନ ଯୋଗାସନ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏଥିସହ ଯୋଗାସନରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ସାମଲ ପୁରସ୍କୃତ କରିଥିଲେ। ଜାତୀୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ମଧ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କୁ ଯୋଗରତ୍ନ ଓ ଯୋଗ ଗୁରୁ ସଞ୍ଜୟ ମଥାନଙ୍କୁ ଯୋଗଗୁରୁ ସମ୍ମାନରେ ସମ୍ମାନିତ କରିଥିଲେ।

## ଘରୁ ସୁନା ଗହଣା ଚୋରୀ, ଥାନାରେ ଅଭିଯୋଗ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ଗ୍ରାମର କୃପାସିନ୍ଧୁ ପଟ୍ଟନାୟକଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ କୌଣସି ଦୁର୍ବୃତ ଗୋଟିଏ ସୁନା ମୁଦି, ମଙ୍ଗଳସୂତ୍ର ଓ ପାଉଁଜି ଚୋରୀ କରି ନେଇ ଯାଇଥିବାର ଜଣାପଡିଛି। ଏ ନେଇ ବେଗୁନିଆ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଖୋଜିବା ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କ ଠାରୁ ପ୍ରକାଶ ।

# ପାରାଦୀପରେ ଜିଓର ମୋବାଇଲ୍ ସେବା ବିପର୍ଯ୍ୟସ୍ତ

ପାରାଦୀପ (ପିଏନ୍)- ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ଜିଓ ମୋବାଇଲ୍ ସେବା ଦୀର୍ଘ ଦିନ ହେବ ବିପର୍ଯ୍ୟସ୍ତ ହୋଇପଡିଛି । ଏହାର ପ୍ରଭାବରେ ପାରାଦୀପର ଜିଓ ଉପଭୋକ୍ତା ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି । ଦେଶର ଅଗ୍ରଣୀ ଏହି ମୋବାଇଲ୍ ସେବା ଯୋଗାଣକାରୀ ସଂସ୍ଥା ଗ୍ରାହକଙ୍କୁ ଦିନରେ ଲଣ୍ଠନ ଦେଖାଇ ଅର୍ଥ ରୋଜଗାର କରିବାରେ ବ୍ୟସ୍ତ । ମହାମାରୀ କରୋନା ସମୟରେ ଦେଶର ପ୍ରାୟ ସମସ୍ତ ଶିଳ୍ପ ସଂସ୍ଥା ତଥା ବିଭିନ୍ନ ସେବା ଯୋଗାଣକାରୀ ସଂସ୍ଥାମାନେ ଆର୍ଥିକ ମାନ୍ଦାବସ୍ଥା ଦେଇ ଚାଲିଥିବା ବେଳେ ମୋବାଇଲ୍ ଇଣ୍ଟରନେଟ୍ ସେବା ଯୋଗାଣକାରୀ ସଂସ୍ଥା ଜିଓ କିନ୍ତୁ ମାଲାମାଲ୍ ହୋଇଥିବା ଦେଶର ବିଭିନ୍ନ ଅର୍ଥନୈତିକ ସର୍ବେକ୍ଷଣ ସଂସ୍ଥାମାନେ ରିପୋର୍ଟ ଦେଇଥିଲେ। ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ପାରାଦୀପର ବିଭିନ୍ନ ଛକ ବଜାରମାନଙ୍କରେ ଲୋକମାନଙ୍କୁ ପ୍ରଲୋଭିତ କରି ଜିଓର କର୍ମଚାରୀମାନେ ଜିଓ ସିମ୍ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ବିଶେଷ ଭାବେ ପାରାଦୀପ ନିକଟସ୍ଥ ଷଣ୍ଢକୁଦ ବସ୍ତିର ଲୋକମାନଙ୍କୁ ଜିଓ କମ୍ପାନୀ ଚୂନ ଲଗେଇ ଚାଲିଛି । ପାରାଦୀପ ସହରର କୌଣସି ବି ସ୍ଥାନରେ ଜିଓର ନେଟଓାର୍କ ଆସୁନଥିବାରୁ ଲୋକମାନେ ହନ୍ତସନ୍ତ ହେଉଛନ୍ତି । ଜିଓର ସେବା ଗ୍ରହଣ କରି ବହୁ ଅଫିସମାନଙ୍କରେ କାର୍ଯ୍ୟ ଚାଲିଥାଏ । ହେଲେ ଜିଓର ବିପର୍ଯ୍ୟସ୍ତ ସେବା ଯୋଗୁଁ ପ୍ରାୟତଃ ବହୁ ଅଫିସ କାର୍ଯ୍ୟରେ ବିଘ୍ନ ଘଟୁଛି । ଜାହାଜ ଏଜେଣ୍ଟ, ଷ୍ଟିଭେଡୋର୍ସ ସଂସ୍ଥା, ପରିବହନକାରୀ ସଂସ୍ଥାମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଇଣ୍ଟରନେଟ୍ ମାଧ୍ୟମରେ ଚାଲିଥାଏ । ହେଲେ ଗୋଟିଏ ଗୋଟିଏ ଡକୁମେଣ୍ଟ ଡାଉନଲୋଡ୍ ହେବାକୁ ଘଣ୍ଟାଘଣ୍ଟା ସମୟ ଲାଗୁଛି । ଫଳରେ ବନ୍ଦରରେ ସେମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଠିକ୍ ସମୟରେ ହୋଇ ପାରୁ ନଥିବାରୁ ପରିଚାଳନା କାର୍ଯ୍ୟରେ ବିଘ୍ନ ଘଟୁଛି । ପାରାଦୀପରେ ଏକ ଅତ୍ୟାଧୁନିକ କାର୍ଯ୍ୟାଳୟ ଖୋଲି ଏହାର କର୍ମଚାରୀମାନେ ସହରରେ ନେଟଓାର୍କର ସ୍ଥିତି କିଭଳି ଅଛି ତାହାର ବି ସମୀକ୍ଷା କରୁନାହାନ୍ତି । ଅପରପକ୍ଷେ କମ୍ପାନୀର କିଭଳି ଲାଭ ଅଧିକ ହେବ ସେ ସମ୍ପର୍କରେ ଚିନ୍ତା କରୁଛନ୍ତି । ପାରାଦୀପ ବନ୍ଦର ଦେଶର ଅଗ୍ରଣୀ ବନ୍ଦର ହୋଇଥିବା ବେଳେ ଏଠାରେ ଇଣ୍ଟରନେଟ୍ ସେବାର ବିକଳ ଚିତ୍ର ସମସ୍ତଙ୍କୁ ବିସ୍ମୟ କରିଛି । ଗ୍ରାହକମାନଙ୍କୁ ସବୁଠୁଁ ନିମ୍ନମାନର ସେବା ଯୋଗାଇ ଦେଇ କମ୍ପାନୀ ମାଲାମାଲ ଗ୍ରାହକ ବେହାଲ ହେଉଥିବା ଦେଖିବାକୁ ମିଳୁଛି । ଦେଶରେ ସବୁଠୁଁ ଅଧିକ ଗ୍ରାହକମାନଙ୍କୁ ଆକର୍ଷିତ କରି ନିଜ ଆଡକୁ ଟାଣି ଆଣିବାରେ ସଫଳ ହେବା ପରେ ଉତ୍କୃଷ୍ଟ ମାନର ସେବା ଯୋଗାଇ ଦେବା ବଦଳରେ ଜିଓ ନିକୃଷ୍ଟମାନର ସେବା ଦେଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି । କମ୍ପାନୀ ତା’ର ଏପରି ମନମାନି କାର୍ଯ୍ୟ ବନ୍ଦ କରିବାକୁ ସାଧାରଣରେ ଦାବୀ ହେଉଛି ।

ବିପର୍ଯ୍ୟୟ ସମୟରେ ଆଗୁଆ ସତର୍କ ସୂଚନା ବିତରଣ ବ୍ୟବସ୍ଥା

# ଜିଲ୍ଲାସ୍ତରୀୟ ତ୍ରୈମାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର (ପିଏନ୍)- ସମ୍ଭାବ୍ୟ ବାତ୍ୟା ଓ ସୁନାମି ଭଳି ବିପର୍ଯ୍ୟୟ ସମୟରେ ଆଗୁଆ ସତର୍କ ସୂଚନା ବିତରଣ ବ୍ୟବସ୍ଥା ସମ୍ପର୍କିତ ଜିଲ୍ଲାସ୍ତରୀୟ ତ୍ରୈମାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଳୁ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଲେଶ୍ୱର ଭଳି ବନ୍ୟାବାତ୍ୟାପ୍ରବଣ ଜିଲ୍ଲାରେ ଆଗୁଆ ସତର୍କ ସୂଚନା ପ୍ରଦାନ ଦ୍ୱାରା ବହୁ ଧନଜୀବନ ରକ୍ଷା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଆନୁକୂଲ୍ୟରେ ଆୟୋଜିତ ଏଭଳି ପ୍ରିଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଆହୁରି ମଜବୁତ୍ ହୋଇପାରିବ ବୋଲି ସେ କହିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ ଏଥିରେ ଉପସ୍ଥିତ ରହି ନିୟମିତ ବ୍ୟବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବାଲେଶ୍ୱର ସଦର ବିଡିଓ ଶ୍ରୀ ନରେନ୍ଦ୍ର ଖମାରୀ ଏବଂ ଓସଡାମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ନିମାଇଁ ଚରଣ ଦାସ ବିପର୍ଯ୍ୟୟ ମୁକାବିଲା ପାଇଁ ଆଗୁଆ ସତର୍କ ସୂଚନା ବିତରଣ ସହ ଉଚିତ୍ ପ୍ରଶିକ୍ଷଣ ସବୁବେଳେ ଉପଯୋଗୀ ସାବ୍ୟସ୍ତ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଜରୁରୀକାଳୀନ କକ୍ଷ ବେତାର ଯନ୍ତ୍ରୀ ଶ୍ରୀ ସତ୍ୟବ୍ରତ ସାହୁ ଓ ଶ୍ରୀ ଗୌରାଙ୍ଗ ଚରଣ ଦାସ ବିପର୍ଯ୍ୟୟ ପୂର୍ବରୁ ପ୍ରାକ ସୂଚନା ବିତରଣ ବ୍ୟବସ୍ଥା ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରିବା ସହିତ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଜିଲ୍ଲାର ଉପକୂଳବର୍ତ୍ତୀ ୫ଟି ବ୍ଲକ କାର୍ଯ୍ୟାଳୟର ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ, କମ୍ପ୍ୟୁଟର ପ୍ରୋଗ୍ରାମର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଜରୁରୀକାଳୀନ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ବିପର୍ଯ୍ୟୟ ସମ୍ପର୍କିତ ଆଗୁଆ ସତର୍କ ସୂଚନା ବିତରଣ ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରାକ୍ ବିପଦ ସୂଚନା ବିତରଣ କେନ୍ଦ୍ରରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଯଥା ଡିଏମଆର ରେଡିଓ, ସଂକେତଧ୍ୱନି ଯନ୍ତ୍ର, ସଂଚାର ମାଧ୍ୟମ, ବିଭିନ୍ନ ବିକଳ୍ପ ବ୍ୟବସ୍ଥା ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ୟୁନିସେଫ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯନ୍ତ୍ରୀ ନାହାନ୍ତି; କୃଷି କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା

ଫୁଲନଖରା (ପିଏନ୍)-ଭୁବନେଶ୍ୱର ପ୍ରାଚୀ ଡିଭିଜନ ଅଧିନ ପ୍ରତାପନଗରୀ ଜଳସମ୍ପଦ ଉପଖଣ୍ଡରେ ଯନ୍ତ୍ରୀ ନଥିବାରୁ ଆଗାମୀ ଖରିଫ ଚାଷ ନିମନ୍ତେ କେନାଲରେ ଜଳ ଯୋଗାଣ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଶେଷ କରି କେନାଲ ସଫେଇ ଓ ଚାଷୀଙ୍କ ବିଲକୁ ପାଣି ପହଞ୍ଚାଇବା କାର୍ଯ୍ୟ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବାବେଳେ ଏଥର ଏହି କାର୍ଯ୍ୟ କିପରି ସମ୍ପନ୍ନ ହେବ ସେ ନେଇ ଚାଷୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ଗତ ବର୍ଷକ ମଧ୍ୟରେ ଉପଖଣ୍ଡ ଅନ୍ତର୍ଗତ ଦୁଇ ଜଣ କନିଷ୍ଠ ଯନ୍ତ୍ରୀଙ୍କ ଅଚାନକ ବଦଳି ହୋଇଥିବାରୁ ଏହାଦ୍ୱାରା ଏଠାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ବର୍ଷ ଆରମ୍ଭରେ ଇଂ. ଇତିଶ୍ରୀ ପ୍ରଧାନ କନିଷ୍ଠ ଯନ୍ତ୍ରୀଭାବେ କାର୍ଯ୍ୟରେ ଯୋଗଦେବାର ମାତ୍ର ୬ମାସ ପରେ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଥିଲା। ତାଙ୍କ ସ୍ଥାନରେ ଜଗତସିଂହପୁର ଜିଲା ବାଲିକୁଦା ଉପଖଣ୍ଡର ଇଂ. ରାଧାପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ମାତ୍ର ୫ମାସ ପରେ ତାଙ୍କର ମଧ୍ୟ ଅଚାନକ ପୁରୀକୁ ବଦଳି ହୋଇଯାଇଥିଲା। ତା’ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ପଦବୀଟି ଖାଲି ପଡ଼ିଛି। ଜଳସମ୍ପଦ ବିଭାଗରେ ଅତି ଗୁରୁତ୍ୱପୂର୍ଣ୍ଣ ସମୟ କୁହାଯାଉଥିବା ଜୁଲାଇ-ଅଗଷ୍ଟ ମାସରେ କୃଷି କାର୍ଯ୍ୟ ପାଇଁ କେନାଲ ମରାମତି ଓ ଜଳଯୋଗାଣ କିପରି ପରିଚାଳିତ ହେବ ସେ ନେଇ ଏବେଠାରୁ ସନ୍ଦେହ ସୃଷ୍ଟି ହେଲାଣି। ଆଉ ମାତ୍ର ଦୁଇ ସପ୍ତାହ ପରେ ସମସ୍ତ କେନାଲ ଶଯ୍ୟା ସଫେଇ କରାଯିବା ସହିତ ଅଗଷ୍ଟ ପହିଲାରୁ କେନାଲରେ ପାଣି ଛାଡ଼ିବାକୁ ନିର୍ଦ୍ଦେଶ ରହିଛି। ହେଲେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏହି ସମସ୍ତ କାର୍ଯ୍ୟ କିପରି ସମ୍ପନ୍ନ ହେବ ସେ ନେଇ ଚାଷୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଉପଖଣ୍ଡ ଅଧିନରେ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ ଓ ହରିଅନ୍ତା ଡିଷ୍ଟ୍ରୀବ୍ୟୁଟାରୀ ସମେତ ଅନନ୍ତପୁର ମାଇନର, ଓଲଟପୁର ମାଇନର, କଞ୍ଚିଲୋ ମାଇନର, ଗଙ୍ଗେଶ୍ୱର ମାଇନର, ଅରଡ଼ିଆପଦା ମାଇନର, ଉଷୁମା ମାଇନର, ଗବବସ୍ତ ମାଇନର, ପୁରୁଷୋତ୍ତମପୁର ମାଇନର, କୁଶକଣ୍ଟା ମାଇନର ଓ ରାହୁରା ମାଇନର ସମେତ ଏକାଧିକ ସବମାଇନର ଏବଂ କାକଟପୁର ବ୍ରାଞ୍ଚ କେନାଲର ପରିଚାଳନା ଦାୟିତ୍ୱ ରହିଛି। ଏହି ସବୁ କେନାଲ ମାଧ୍ୟମରେ ଶତକଡ଼ା ୬୦ଭାଗ ଜମିକୁ ଜଳଯୋଗାଣ ହେଉଥିଲାବେଳେ ୨୩ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ଏଣୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଡିଭିଜନରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ନିଯୁକ୍ତି କରିବା ଦିଗରେ ନବ ନିଯୁକ୍ତ ସହକାରୀ ନିର୍ବାହୀ ଅଧିକାରୀ ଇଂ. ଅଜୟକୁମାର ବେହେରା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ଜିଲ୍ଲା ଅଦାଲତ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଅଦାଲତ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏସଡିଜେଏମ୍ ଅଡ଼ିତ ବେହେରା, ସବଜଜ କୁମୁଦିନୀ ମୁଦୁଲି, ସିଭିଲ କୋର୍ଟ ରେଜିଷ୍ଟ୍ରାର ପୂର୍ଣ୍ୟଶ୍ଳୋକ ରଥଙ୍କ ସମେତ ଅନ୍ୟ ଜଜମାନେ ଏବଂ ସରକାରୀ ଓକିଲ ନିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ରହି ଯୋଗ ପ୍ରାଣାୟମ କରିଥିଲେ । ଯୋଗ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ। ଏହା ମନୁଷ୍ୟର ମାନସିକ, ଆଧାତ୍ମିକ ଓ ବୌଦ୍ଧିକ ବିକାଶରେ ସହାୟକ ହେବା ସହ ରୋଗ ନିରାକରଣରେ ସହାୟକ ହୋଇଥାଏ ବୋଲି ଜିଲ୍ଲାଜଜ ଶ୍ରୀ ବେହେରା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋର୍ଟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନୂତନ ଜିଲ୍ଲାପାଳଙ୍କ ଯୋଗଦାନ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ କେ ସୁଦର୍ଶନ ଚକ୍ରବର୍ତ୍ତୀ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ଏହା ପୂର୍ବରୁ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରି ଆସୁଥିଲେ। କାର୍ଯ୍ୟରେ ଯୋଗଦାନ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଦେଖିବାକୁ ପାଇବାରୁ ତାକୁ ତୁରନ୍ତ ସମାଧାନ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଆର୍ତ୍ତବନ୍ଧୁ ନାୟକଙ୍କୁ ତାଗିଦ କରିଥିଲେ। ତାଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ଅଧିକାରୀଙ୍କ ସମେତ ସଚେତନ ନାଗରିକ ପହଂଚି ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । ଖୋର୍ଦ୍ଧାର ପୂର୍ବତନ ଜିଲ୍ଲାପାଳ ସଂଗ୍ରାମକେଶରୀ ମହାପାତ୍ର ଓଡିଶା ଆଦର୍ଶ ବିଦ୍ୟାଳୟର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଭାବରେ ନିୟୋଜିତ ହୋଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବିଧାନସଭାରେ ଡ୍ରାଇଭର ମାନଙ୍କର ଆନ୍ଦୋଳନର ତାତି

ଭୁବନେଶ୍ୱର,(ପି.ଏନ): ଡ୍ରାଇଭର ମାନଙ୍କର ଆନ୍ଦୋଳନ କାରଣରୁ ସାରା ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଆଜି ସେମାନଙ୍କର ଆନ୍ଦୋଳନର ତାତି ବିଧାନସଭାରେ ଦେଖିବାକୁ ମିଳିଛି । ଏହି ପ୍ରସଙ୍ଗକୁ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଓ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଉଠାଇଥିଲେ । ଏହି ପ୍ରସଙ୍ଗକୁ ନେଇ ବିରୋଧୀ ବିଧାୟକ ମାନଙ୍କ ଦ୍ୱାରା ହଟ୍ଟଗୋଳ କାରଣରୁ ଗୃହକୁ ଦଶ ମିନିଟ ପାଇଁ ମୁଲତବୀ ରଖିବାକୁ ପଡିଥିଲା । ପରେ ବାଚସ୍ପତି ଏହି ମାମଲାକୁ ନେଇ ସର୍ବଦଳୀୟ ବୈଠକ ଡାକିଥିଲେ ।ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ସେ କହିଥିଲେ ଯେ ଗତକାଲି ମଧ ସେ ଏହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇଥିଲେ । ସେ ଆଶା କରୁଥିଲେ ଯେ ଏହି ମାମଲାରେ ସରକାର ସେମାନଙ୍କ ସହ ଆଲୋଚନା କରି ନ୍ୟାୟ ପ୍ରଦାନ କରିବେ । ସେମାନେ ୬ ହଜାରରୁ ୧୦ ହଜାର ଟଙ୍କା ଯାଏ ମାସିକ ପାଉଛନ୍ତି । ସେତିକିରେ ସେମାନଙ୍କ ଗୁଜରାଣ ମେଂଟାଇବା ସମ୍ଭବ ନୁହେଁ । ତେଣୁ ତାଙ୍କର ବିଭିନ୍ନ ଦାବୀ ଉପରେ ସହୃଦୟତାର ସହ ବିଚାର କରାଯିବା ଆବଶ୍ୟକ । ହେଲେ ସେମାନଙ୍କର ଦାବିକୁ ବିଚାରକୁ ନେଇ ସମାଧାନ କରିବା ପରିବର୍ତ୍ତେ ଆଉ ଗୋଟିଏ ଗୋଷ୍ଠିକୁ ଉସୁକାଇ ତାଙ୍କ ବିରୋଧରେ ଲଗାଇ ଦିଆଗଲା । ସେମାନଙ୍କର ଆନ୍ଦୋଳନ କାରଣରୁ ସାରା ରାଜ୍ୟରେ ପରିବହନ ବ୍ୟବସ୍ଥା ଠପ ହୋଇଯାଇଛି । ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ଆମକୁ ପ୍ରୟାସ କରିବା ଆବଶ୍ୟକ । ଶ୍ରୀ ମିଶ୍ର କହିଛନ୍ତି ଯେ ବିଧାନସଭାରେ ଯେଉଁ ପ୍ରଶ୍ନ ଉଠାଇଲେ ତାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଧାନସଭାର ଅଫିସର ଗ୍ୟାଲେରୀରେ କୌଣସି ଅଫିସର ନାହାନ୍ତି । ବେଳେ ବେଳେ ଲାଗୁଛି ଯେ ଲୋକ ମାନଙ୍କ ସମସ୍ୟାକୁ ନେଇ ଆମର ବକ୍ତବ୍ୟ କେବଳ ବିଧାନସଭାର ଚାରି କାନ୍ଥ ମଧ୍ୟରେ ସୀମିତ ରହି ଯାଉଛି । ଯଦି ଆମେ ହଟ୍ଟଗୋଳ ନ କରି ଶାନ୍ତିପୂର୍ଣ୍ଣ ଭାବେ ଲୋକଙ୍କ କଥା କହୁଛୁ, ତେବେ ଆମ କଥା ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ । ଏହା ପରେ କଂଗ୍ରେସ ଓ ବିଜେପି ଦଳର ବିଧାୟକ ମାନେ ଡ୍ରାଇଭର ମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଗୃହର ମଧ ଭାଗକୁ ଆସି ହଟ୍ଟଗୋଳ ଓ ନାରାବାଜୀ କରିବା ଆରମ୍ଭ କରି ଦେଇଥିଲେ । ଫଳରେ ବାଚସ୍ପତି ଗୃହକୁ ଦଶ ମିନିଟ ପାଇଁ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ ।ଦଶ ମିନିଟ ପରେ ଗୃହ କାର୍ଯ୍ୟ ପୁଣି ଥରେ ଯେତେବେଳେ ଆରମ୍ଭ ହେଲା ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ସେହି ସମାନ କଥା ଉଠାଇଥିଲେ । ଏହା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏକ ସର୍ବଦଳୀୟ ବୈଠକ ଡାକିଥିଲେ ।

## ବର୍ଷ ଋତୁ ପୂର୍ବରୁ ଶେଷ ହେବ ଗେଙ୍ଗୁଟି ନଦୀ ସ୍ଲୁଇସ ଗେଟ୍ ମରାମତି

ଭୁବନେଶ୍ୱର, (ପି.ଏନ)- ମହାନଦୀ ଉପର ଜଳସେଚନ ଖଣ୍ଡ, ଜଗତପୁର ଅଧିନରେ ଥିବା ଗେଙ୍ଗୁଟି ନଦୀର ବାମପାର୍ଶ୍ୱ ବେଣାପୁର ଗ୍ରାମଠାରେ ସ୍ଲୁଇସ ଗେଟରେ ଥିବା ୩ ଗୋଟି ଗେଟ୍ ଭାଙ୍ଗିଯାଇ ଅଚଳ ହୋଇଯାଇଛି ବୋଲି ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ବିଧାନସଭାରେ ଏକ ପ୍ରଶ୍ନର ଉତରରେ କହିଛନ୍ତି ।ସେ କହିଛନ୍ତି ଯେ, ଉକ୍ତ ତିନିଗୋଟି ଗେଟର ମରାମତି କାର୍ଯ୍ୟ ଚଳିତ ବର୍ଷ ଋତୁ ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ବିହିତ ପଦକ୍ଷେପ ନିଆଯାଉଛି ।

## ଅଫିସର ମାନଙ୍କ ଗୋଟିଏ ପଦରେ ଅନେକ ଦିନ ଧରି ରହିବା ଓ ଜଣେ ଅଧିକାରୀ ଅନେକ ଦାୟିତ୍ୱରେ ରହିବାକୁ ନେଇ ଜୟ ନାରାୟଣ କଲେ ଟାର୍ଗେଟ

ଭୁବନେଶ୍ୱର,(ପି.ଏନ): ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ଆଜି ଅନେକ ବର୍ଷ ଧରି ସରକାରୀ ଅଧିକାରୀ ଗୋଟିଏ ପଦରେ ରହିବା ଓ ଜଣେ ଅଧିକାରୀ ଅନେକ ପଦ ଦାୟିତ୍ୱରେ ରହିବାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏହା କଣ ଫାଇଭ ଟି ବୋଲି ମଧ ସେ ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ବିଭାଗର ମନ୍ତ୍ରୀ ଗୃହରେ ଉତର ଦେବାକୁ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ।ଶୂନ୍ୟକାଳରେ ସେ ଓ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ପ୍ରତ୍ୟେକ ଜିନିଷ ପାଇଁ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ନୀତି ରହିବା ଆବଶ୍ୟକ । ଟ୍ରାନ୍ସଫର ଏବଂ ପୋଷ୍ଟିଂ ପାଇଁ ଗୋଟେ ନିୟମ ରହିଛି । ଗୋଟେ ବିଭାଗ କି ଗୋଟେ ଜାଗା ରେ ଜଣେ ଅଫିସର ଅଧିକ ରହିବା କଥା ନୁହେଁ ।ସେ କହିଛନ୍ତି ଯେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାପାଳ ସେହି ଜିଲ୍ଲାରେ ୬ ବର୍ଷ ରୁ ଅଧିକ ସମୟ ରହିଲେଣି । କେନ୍ଦୁଝର ଜିଲ୍ଲାପାଳ ପ୍ରଶାସନ ର କାମ ଛାଡି ଅନ୍ୟ ସବୁ କାମ କରିବାରେ ବ୍ୟସ୍ତ ଅଛନ୍ତି ।ସେ କହିଛନ୍ତି ଯେ ନଗର ଉନ୍ନୟନ ବିଭାଗ ସଚିବ ଜି ମାଥିଭାଥନ ୨୦୧୪ ରୁ ୯ ବର୍ଷ ଧରି ଗୋଟିଏ ବିଭାଗ ରେ ରହିଛନ୍ତି । ଖାଦ୍ୟ ଯୋଗାଣ ସଚିବ ବୀ ର ବିକ୍ରମ ଯାଦବ ୨୦୧୭ ରୁ ଗୋଟେ ବିଭାଗରେ ରହିଛନ୍ତି । ଯିଏ କି ପୂର୍ତ୍ତ ଓ ଶ୍ରୀ ମନ୍ଦିର ପ୍ରଶାସନ ଦାୟିତ୍ୱରେ ରହିଛନ୍ତି ।ସେ କହିଛନ୍ତି ଯେ ସେହିପରି ଗୋଟିଏ ଲୋକ ଏକାଧିକ ପୋଷ୍ଟ ରେ ରହିବା ବି ଅନୁଚିତ । ଅରୁଣ ବୋଥ୍ରା ଟ୍ରାନ୍ସପୋର୍ଟ କମିଶନର ଓ କ୍ରାଇମବ୍ରାଂଚ ର ଏଡ଼ିଜି ବି ରହିଛନ୍ତି । ସେହିପରି ସୁଶୀଲ କୁମାର ଲୋହାନି ବି ପଂଚାୟତିରାଜ ସଚିବ ଓ ସିଇଓ ବି ରହିଛନ୍ତି । ଏଇଟା କଣ ମୋ ସରକାର । ଏଇଟା କଣ ୫ ଟି ବୋଲି ପ୍ରଶ୍ନ କଲେ ବିରୋଧୀ ଦଳ ନେତା । ସରକାର ଏ ନେଇ ଗୃହରେ ବିବୃତି ରଖନ୍ତୁ ବୋଲି ସେ ଦାବି କରିଥିଲେ ।

# ଡ୍ରାଇଭର ସଂଘ ଆନ୍ଦୋଳନକୁ ନେଇ ବିଜେପି ରାଜନୀତି କରୁଛି: ବିଜେଡି

ଭୁବନେଶ୍ୱର,(ପି.ଏନ): ଦଶ ଦଫା ଦାବି ନେଇ ଗତକାଲିଠାରୁ ଟ୍ରକ୍ ଡ୍ରାଇଭର ସଂଘ ଚଳାଇଥିବା ଆନ୍ଦୋଳନକୁ ବିଜେପିର ସମର୍ଥନ ଏକ ନାଟକବାଜି ବ୍ୟତୀତ ଅନ୍ୟ କିଛି ନୁହେଁ। ବିଜେପି ଏହାକୁ ନେଇ ତୁଚ୍ଛା ରାଜନୀତି କରିବା ନିନ୍ଦନୀୟ ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି ।ଗୁରୁବାର ଏକ ପ୍ରେସ ବିବୃତିରେ ବିଜେଡି ମୁଖପାତ୍ର ଡ.ଲେନିନ ମହାନ୍ତି କହିଛନ୍ତି ଯେ ଦେଶର କୌଣସି ବିଜେପି ଶାସିତ ରାଜ୍ୟରେ ଡ୍ରାଇଭର ସଂଘର ଦାବି ମୁତାବକ କେଉଁ କେଉଁ ସୁବିଧା ପ୍ରଦାନ କରାଯାଉଛି, ବିଜେପି ନେତାମାନେ ତାହା ସ୍ପଷ୍ଟ କରନ୍ତୁ। ସେ ଆହୁରି କହିଛନ୍ତି ଯେ ଏବେ ଯେତେବେଳେ ରାଜ୍ୟରେ ବିଭିନ୍ନ ସ୍କୁଲ, କଲେଜରେ ପରୀକ୍ଷା ଚାଲିଥିବା ବେଳେ ଡ୍ରାଇଭର ସଂଘ ଗାଡ଼ିମଟର ବନ୍ଦ କରି ଆନ୍ଦୋଳନ କରିବା ଫଳରେ ଛାତ୍ରଛାତ୍ରୀଙ୍କଠୁ ନେଇ ଅଭିଭାବକମାନେ ହଇରାଣ ହେଉଛନ୍ତି। ଏକ ଦାୟିତ୍ୱବାନ ରାଜନୈତିକ ଦଳ ଭାବେ ବିଜେପି ଏହି ସମୟରେ ଡ୍ରାଇଭରମାନଙ୍କୁ ଆନ୍ଦୋଳନରୁ ବିରତ ରହିବା ପାଇଁ ଆହ୍ୱାନ କରିବା କଥା। ଏହାକୁ ନେଇ ରାଜନୀତି କରିବା ସେମାନଙ୍କୁ ଶୋଭା ପାଉନାହିଁ। ରାଜ୍ୟ ସରକାର ଡ୍ରାଇଭର ଓ ମୋଟର କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ ଲାଗି ବିଚାର ଆଲୋଚନା କରୁଛନ୍ତି।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରି ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଡ୍ରାଇଭର ମାନଙ୍କ ସମସ୍ୟାକୁ ସମାଧାନ ନ କରି ଆନ୍ଦୋଳନକୁ ବଢାଉଛି ବିଜେଡି : ମୁକେଶ ମହାଲିଙ୍ଗ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଡ୍ରାଇଭର ଭାଇ ମାନଙ୍କ ସମସ୍ୟାକୁ ସମାଧାନ ନ କରି ବିଜେଡି ସରକାର ଆନ୍ଦୋଳନକୁ ବଢାଇବା ଭଳି ମାନସିକତାରେ ଅଛି ବୋଲି ସସ୍ମିତ ପାତ୍ରଙ୍କ ଟ୍ୱିଟରୁ ସ୍ପଷ୍ଟ ହେଉଛି ବୋଲି ଟ୍ୱିଟ୍ କରି କହିଛନ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ୍ । ଶ୍ରୀ ମହାଲିଙ୍ଗ୍ ଉଲ୍ଲେଖ କରିଛନ୍ତି ଯେ ଶାସକ ଦଳର ନେତାମାନେ ବିଜେପି ଉଠାଇଥିବା ପ୍ରସଙ୍ଗର ଉତର ନ ଦେଇ କେବଳ କହିବା ପାଇଁ କିଛି କଥା କୁହାଳିଆ ହିସାବରେ କହୁଛନ୍ତି । ଡ୍ରାଇଭର ଭାଇମାନେ ଆମ ଭିତରୁ ଜଣେ, ସେ କାହାର ଭାଇ, କାହାର ଦାଦା, କାହାର ବାପା ଓ କାହାର ପୁଅ ମଧ । ସସ୍ମିତ ପାତ୍ରଙ୍କ ଟ୍ୱିଟରୁ ଜଣାପଡୁଛି, ଆପଣଙ୍କ ସରକାର ସମାଧାନ ନ କରି ଆନ୍ଦୋଳନକୁ ବଢାଇବା ଭଳି ମାନସିକତାରେ ଅଛି, ଯାହା ରାଜ୍ୟର ଜନସାଧାରଣଙ୍କ ପାଇଁ ଭଲ ଲକ୍ଷଣ ନୁହେଁ । ଆପଣଙ୍କର ଏହି ବିବୃତିକୁ ମୁଁ ନିନ୍ଦା କରୁଛି । ରାଜ୍ୟରେ ଦୁଇ ଦିନ ଡ୍ରାଇଭର ବନ୍ଧୁ ମାନଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

# ଅସହାୟ ଭାରତ ଭୁଷଣଙ୍କ ପାଇଁ ସହାୟକ ସାଜିଲେ ବି.ଏସ୍.କେ.ୱାଇ ଟିମ୍

ଭୁବନେଶ୍ୱର,(ପି.ଏନ): ଅସହାୟ ବରିଷ୍ଠ ନାଗରିକ ଭାରତ ଭୁଷଣଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ଟିମ୍ ଜୀବନ ରକ୍ଷାକାରୀ ସହାୟକ ସାବ୍ୟସ୍ତ ହୋଇଛନ୍ତି । ଟିମ୍ ର ସମୟୋଚିତ ପଦକ୍ଷେପ ହେତୁ ଭାରତ ଭୁଷଣଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଯାଇ ପାରିଛି । ଅଲସର୍ ପରି ରୋଗର ନିଦାନ କରାଯାଇ ସ୍ଥିତି ଅତି ସଙ୍ଗୀନ ହେବା ପୂର୍ବରୁ ଜୀବନ ରକ୍ଷା କରାଯାଇ ପାରିଛି । ତାଙ୍କର ଆରୋଗ୍ୟ ଲାଭ ଆଶା ଉଜ୍ୱଳ ହୋଇଛି । ଘଟଣାର ବିବରଣୀରୁ ଜଣାପଡ଼ିଛି ଯେ ପ୍ରାୟ ୬୦ ବର୍ଷ ବୟସ୍କ ଭାରତ ଭୁଷଣଙ୍କ ଘର ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଗଡ଼ପଦନପୁର ଗ୍ରାମରେ । ସାଧାରଣ ଜୀବନ ଧାରାରୁ ଅଲଗା ହୋଇ ସେ ସାରା ଜୀବନ ଅବିବାହିତ ରହିଥିଲେ । ଏକାକୀ ଗୋଟିଏ ଅଧାଭଙ୍ଗା ଘରକୁ ନିଜର ଆଶ୍ରୟସ୍ଥଳୀ କରିଥିଲେ । ଗତ ପ୍ରାୟ ୧ ମାସ ତଳେ ତାଙ୍କର ଡାହାଣ ଗୋଡ଼ ପାଦରେ ଗୋଟିଏ ଘା' ହୋଇଥିଲା । ଚିକିତ୍ସା ନକରିବାରୁ ଘା' ଟି ଧିରେ ଧିରେ ପଚିଯାଇ ପାଦର ଅନ୍ୟ ଅଂଶକୁ ବ୍ୟାପିଲା ଓ ବଡ ଆକାର ଧାରଣ କଲା । ତାଙ୍କର ପାଦ ଓ ଗୋଡ଼ ଫୁଲିବାକୁ ଲାଗିଲା । ଯନ୍ତ୍ରଣା ବଢ଼ିଲା ସ୍ଥିତି ଏପରି ହେଲା ଯେ ଆଉ କୁଆଡ଼େ ଯିବା ଆସିବା କରିନପାରି ଭାରତ ଭୁଷଣ ଏକାକୀ ଅଯତ୍ନ ଭାବେ ସେହି ଘରେ ପଡିରହିଲେ । କେହି ଦୟାକରି ଅନ୍ନ, ଜଳ ଟିକିଏ ଦେଲେ ଖାଉଥିଲେ । ନମିଳିଲେ ଭୋକ ଓପାସରେ ପଡ଼ି ରହୁଥିଲେ । ଗଣମାଧ୍ୟମରୁ ଏ ବିଷୟରେ ଗତ ଫେବୃଆରୀ ମାସ ୨୦ ତାରିଖରେ ଜାଣିବା ମାତ୍ରେ ବି.ଏସ୍.କେ.ୱାଇ ଟିମ୍ ପୁରୀ ଜିଲ୍ଲା ପ୍ରଶାସନ ସହ ମିଶି ମିଶନ୍ ମୋଡ୍ ରେ କାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶମତେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ଫେବୃଆରୀ ୨୧ ତାରିଖ ପୂର୍ବାହ୍ନରେ ଗଡ଼ପଦନପୁର ଗ୍ରାମକୁ ଯାଇ ଭାରତଙ୍କୁ ଭେଟିଥିଲେ । ତାଙ୍କ ଗୋଡର ପ୍ରାଥମିକ ଚିକିତ୍ସା ଓ ବ୍ୟାଣ୍ଡେଜ୍ ଆଦି କରିଥିଲେ । ୨୨, ଫେବୃଆରୀରେ ଭାରତ ଭୁଷଣଙ୍କୁ ନିମପଡ଼ା କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସଂକ୍ରମଣ ମାତ୍ରା ଅଧିକ ଜଟିଳ ଥିବାରୁ ଉଚ୍ଚତର ଚିକିତ୍ସା ନିମନ୍ତେ ତାଙ୍କୁ କଟକର ଶ୍ରୀ ରାମ ଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍କୁ ସୁପାରିଶ କରାଗଲା ଏବଂ କଟକ ଯିବା ନିମନ୍ତେ ୧୦୮ ନିଃଶୁଳ୍କ ଆମ୍ବୁଲାନ୍ସ ଯୋଗାଇ ଦିଆଗଲା । ହେଲେ ଭାରତ କଟକ ଯିବାକୁ ଦୃଢ଼ ଅନିଚ୍ଛା ପ୍ରକାଶ କରି ବିଭିନ୍ନ ବାହାନାରେ ଗ୍ରାମକୁ ପଳାଇଗଲେ । ପରେ ସ୍ୱାସ୍ଥ୍ୟ ଟିମ୍ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ରାଜ୍ୟ ସ୍ତରରୁ କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଓ କ୍ଷେତ୍ରସ୍ତରୀୟ ଚିକିତ୍ସକ ଦଳ ପର୍ଯ୍ୟନ୍ତ ସମୁଦାୟ ବି.ଏସ୍.କେ.ୱାଇ. ଟିମଙ୍କର ଏପରି ସହୃଦୟାତ୍ମକ ପଦକ୍ଷେପକୁ ଗ୍ରାମବାସୀ ଓ ବୁଦ୍ଧିଜିବୀ ପ୍ରଶଂସା କରିବା ସହ ଅସହାୟ ଲୋକଙ୍କ ଚିକିତ୍ସା ସହାୟତା ପାଇଁ ପ୍ରଣୟନ କରାଯଇଥିବା ଫଳଦାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନିମନ୍ତେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Saturday March 18, 2023 ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୧୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଜେଏସଡବ୍ଲ୍ୟୁ ପକ୍ଷରୁ ୪୧ ଜଣଙ୍କୁ ନିଯୁକ୍ତି ଓ ମୃତ୍ତିକା ପରୀକ୍ଷଣ ନିମନ୍ତେ ଭୂମି ପୂଜା



ପାରାଦୀପ,(ପି.ଏନ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଢିଙ୍କିଆ, ନୂଆଗାଁ ଏବଂ ଗଡକୁଜଙ୍ଗ ପଂଚାୟତରେ ହେବାକୁ ଥିବା ଜେଏସଡବ୍ଲ୍ୟୁ ପ୍ରକଳ୍ପର ପେଲେଟ୍ ପ୍ଲାଣ୍ଟ ପାଇଁ ମୃତ୍ତିକା ପରୀକ୍ଷଣ ନିମନ୍ତେ ଭୂମି ପୂଜା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ତିନି ପଂଚାୟତର ଜନ ପ୍ରତିନିଧିଙ୍କ ଉପସ୍ଥିତିରେ କମ୍ପାନୀର ଟେଷ୍ଟ ପାଇଲିଙ୍ଗ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜେଏସଡବ୍ଲ୍ୟୁ ପକ୍ଷରୁ ୪୧ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏହି ୪୧ଜଣ ଯୁବକ ଝାରସୁଗୁଡା ଜିଲ୍ଲାରେ ଥିବା ଜେଏସଡବ୍ଲ୍ୟୁ କମ୍ପାନୀରେ ନିୟୋଜିତ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ଜଣାପଡିଛି । ଜେଏସଡବ୍ଲ୍ୟୁ ପ୍ରକଳ୍ପର ଅଧ୍ୟକ୍ଷ ଅନିଲ ସିଂ, ବରିଷ୍ଠ ଅଧିକାରୀ ରଂଜନ ନାୟକ, ଧନଂଜୟ ସିଂହ, ଅଶେଷ ପାଢୀ, ଜେପି ସିଂଙ୍କ ସମେତ କମ୍ପାନୀର ବହୁ ଅଧିକାରୀ ଓ ସ୍ଥାନୀୟ ତିନି ପଂଚାୟତର ମୁରବୀମାନେ ଉପସ୍ଥିତ ଥିଲେ ।

## ବିଦାୟକାଳୀନ ସମ୍ବର୍ଦ୍ଧନା

ପଣ୍ଡାପଡା,(ପି.ଏନ):ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ବାଇଜାପଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦିଲ୍ଲୀପ କୁମାର ବାରିକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମାଳତୀ ନାଏକ, ସହକାରୀ ଶିକ୍ଷକ ସୁଶାନ୍ତ କୁମାର ରାଉତ, ଚେୟାରମ୍ୟାନ ରଙ୍ଗଲତା ପାତ୍ର, ମୋ ସ୍କୁଲ ଅଭିଯାନର ଘନଶ୍ୟାମ ପାତ୍ର, ରୋଷେୟା ଭାରତୀ ଦେହୁରୀ, ପଦ୍ମିନୀ ଦେହୁରୀ, ସମାଜସେବୀ ପୁରୁଷୋତ୍ତମ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବିଦାୟ କାଳୀନ ଶିକ୍ଷକଙ୍କ ଛାତ୍ର ବତ୍ସଳ, ମେଳାପି ସ୍ୱଭାବ ଏବଂ ତାଙ୍କର ପାଠ ପଢାଇବାର ନିଷ୍ଠା ସମ୍ପର୍କରେ ନିଜ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ । ଶେଷରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ ।

## ରାଜ୍ୟ କର୍ମଚାରୀ ସ୍ୱାସ୍ଥ୍ୟବିମା ଯୋଜନା (ଇ.ଏସ୍.ଆଇ.ସି.)ର ୮୩ ତମ କ୍ଷେତ୍ରୀୟ ପରିଷଦ ବୈଠକ

ଭୁବନେଶ୍ୱର,(ପି.ଏନ): କର୍ମଚାରୀ ରାଜ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଇ.ଏସ୍.ଆଇ.ସି)ର ୮୩ ତମ କ୍ଷେତ୍ରୀୟ ପରିଷଦ ବୈଠକ ଗତ ତା. ୧୬/୦୩/୨୦୨୩ ରିଖରେ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଗୁଡ଼ିଏ ଅତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଛି । ଶ୍ରମମନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପରିଷଦର ସଦସ୍ୟମାନଙ୍କ ବିଭିନ୍ନ ଆଲୋଚ୍ୟ ବିଷୟ ଯଥା - ଅନୁଗୁଳର ଇ.ଏସ୍.ଆଇ.ସି. ଦ୍ୱାରା ପରଚାଳିତ ଡାକ୍ତରଖାନାରେ ତୁରନ୍ତ ଆମ୍ବୁଲାନସ୍‌ର ବ୍ୟବସ୍ଥା ପାଇଁ ପରିଷଦ ସହମତି ପ୍ରକାଶ କଲା । ତୁରନ୍ତ ଖାଲି ପଡ଼ିଥିବା ଡାକ୍ତର ଓ ପାରାମେଡ଼ିକାଲ ପଦବୀକୁ ଆସନ୍ତା ୬ ମାସ ଭିତରେ ପୂରଣ କରିବା ପାଇଁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଲେ । ଚନ୍ଦ୍ରଶେଖରପୁର ଡାକ୍ତରଖାନାରେ ସି.ଟି. ସ୍କାନ ଓ ଏମ୍.ଆର.ଆଇ ସ୍ଥାପିତ କରିବା ସହିତ ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗର କର୍ମଚାରୀମାନଙ୍କୁ ଆର୍ଥିକ ଦେୟ ପୈଠ ମାଧ୍ୟମରେ ସୁଯୋଗ ଦେବା ପାଇଁ ମଧ୍ୟ ସମିକ୍ଷା କରିବାକୁ ଶ୍ରମ ସଚିବ ପ୍ରସ୍ତାବ ଦେଲେ । ତୁରନ୍ତ ରେଡ଼ିଓଲୋଜିଷ୍ଟ ନିଯୁକ୍ତି କରି ଅଲଟ୍ରା ସାଉଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ନିଷ୍ପତି କରାଗଲା । ଚୌଦ୍ୱାର, ଝାରସୁଗୁଡ଼ା ଓ ଡୁବୁରିରେ ମଧ୍ୟ ତୁରନ୍ତ ନୂତନ ମେଡ଼ିକାଲ ପ୍ରତିଷ୍ଠା କରିବାକୁ ନିଷ୍ପତି କରାଗଲା । ଭୁବନେଶ୍ୱରରେ ପ୍ରସ୍ତାବିତ ୨୫୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲର ପ୍ରତିଷ୍ଠା ବିଳମ୍ବ ହୋଇଥିବାରୁ ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ ଶ୍ରମମନ୍ତ୍ରୀ ଓ ଇ.ଏସ୍.ଆଇ.ସି.ର ଡାଇରେକ୍ଟର ଜେନେରାଲଙ୍କୁ ସାକ୍ଷାତ କରି ଏ ବାବଦରେ ଆଲୋଚନା କରିବା ପାଇଁ ନିଷ୍ପତି କରାଗଲା । ଆର.ସି.ଏମ୍. କ୍ଲେମ୍‌ର ସମସ୍ତ ବିଲକୁ ଅନ୍‌ଲାଇନ୍‌ରେ ପୈଠ କରିବାକୁ ନିଷ୍ପତି ହୋଇଛି । ଆସନ୍ତା ଅପ୍ରେଲ ପ୍ରଥମ ସପ୍ତାହରେ ନାଲ୍‌କୋ ଦାମନଯୋଡ଼ି ଠାରେ ଏକ ସମିକ୍ଷା ବୈଠକ କରି ସେଠାକାର ଡିସ୍‌ପେନସରିର କାର୍ଯ୍ୟକାରିତାକୁ ସମିକ୍ଷା କରିବା ପାଇଁ ନିଷ୍ପତି କରାଗଲା । ଦାମନଯୋଡ଼ି ଖଣିରେ କାର୍ଯ୍ୟରତ ସମସ୍ତ ଠିକା ଶ୍ରମିକ ମାନଙ୍କ ସହିତ ତାଳଚେର କୋଇଲା ଖଣିରେ କାର୍ଯ୍ୟରତ ଠିକା ଶ୍ରମିକ ଓ ସୁରକ୍ଷା କର୍ମଚାରୀ ତଥା ସାରା ରାଜ୍ୟରେ କାର୍ଯ୍ୟରତ ସମସ୍ତ ଖଣି ଠିକା କର୍ମଚାରୀ ମାନଙ୍କୁ ଇ.ଏସ୍.ଆଇ.ରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଜିର ବୈଠକରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ଆଜିରର ବୈଠକରେ ନିଷ୍ପତି କରାଗଲା । ବି.ଏସ୍.ଏନ୍.ଏଲ୍‌ରେ କାର୍ଯ୍ୟତର ସମସ୍ତ ଠିକା ଶ୍ରମିକମାନଙ୍କର ଠିକା ଦାର ପରିବର୍ତନ ହେଲେ ସେମାନେ ଇ.ଏସ୍.ଆଇ ସୁବିଧାରୁ ବଂଚିତ ହେଉଛନ୍ତି । ଏ ବାବଦରେ ତର୍ଜମା କରିବା ପାଇଁ ନିଷ୍ପତି କରାଗଲା । ଉକ୍ତ ବୈଠକରେ ରାଜ୍ୟ ଶ୍ରମ ସଚିବଙ୍କ ସକରାତ୍ମକ ଉଦ୍ୟମ ଯୋଗୁ ଅନେକ ପୁରୁଣା ସମସ୍ୟାର ସମାଧାନ ହୋଇପାରିଛି ବୋଲି କର୍ମଚାରୀ ପ୍ରତିନିଧି ମଦନ ମୋହନ ଧଳ, ବିଷ୍ଣୁ ମହାନ୍ତି, ଗୋକୁଳା ନନ୍ଦ ଜେନା, ବିରଜା ନାୟକ ତଥା ସମସ୍ତ ନିଯୁକ୍ତିଦାତା ସଦସ୍ୟମାନେ ଶ୍ରମ ସଚିବଙ୍କୁ ପ୍ରଶଂସା କରିଥିଲେ । ସର୍ବଶେଷରେ ପରିଷଦର ସଦସ୍ୟ, ରାଷ୍ଟ୍ରୀୟ ମଜଦୁର କଂଗେସର ରାଜ୍ୟ ଉପସଭାପତି ତଥା ଜାତୀୟ ସଂଗଠନ ସମ୍ପାଦକ ଶ୍ରୀ ମଦନ ମୋହନ ଧଳ ଶ୍ରମ ମନ୍ତ୍ରୀ ତଥା ପରିଷଦର ଅଧ୍ୟକ୍ଷ ଶ୍ରୀ ଶ୍ରୀକାନ୍ତ କୁମାର ସାହୁ ଓ ଉପାଧ୍ୟକ୍ଷ ତଥା ଶ୍ରମ ସଚିବ ଶ୍ରୀ ଆର.ଗୋପାଳନ୍‌ଙ୍କୁ ପରିଷଦ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଯୁବ ସମାଜସେବୀଙ୍କ ଦ୍ୱାରା ନୂତନ ଏଟିଏମ୍ ଉଦ୍‌ଘାଟନ

ଭଗାମୁଣ୍ଡା,(ପି.ଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜିରାଙ୍ଗ ପଂଚାୟତ ସମ୍ମୁଖରେ ଟାଟା କମ୍ପାନୀର ଆୟୋଜନରେ ଏକ ନୂତନ ଏଟିଏମ୍‌ର ଉଦ୍‌ଘାଟନ ହୋଇଯାଇଛି । ସଧାରଣତଃ ଗ୍ରାମାଞ୍ଚଳର ଲୋକମାନେ ଏଟିଏମ୍ ବାବଦରେ ଜାଣିନଥିବା ବେଳେ ଏହି ଏଟିଏମ୍‌ର ଉଦ୍‌ଘାଟନ ଅଂଚଳବାସଙ୍କ ପାଇଁ ଖୁସିର ଲହରୀ ଆଣିଦେଇଛି । ଏହି ଏଟିଏମ୍ ସ୍ଥାପନରେ ଗ୍ରାମର ଯୁବ ସମାଜସେବୀ ନିର୍ମଳ କୁମାର ମହାନ୍ତଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏଥିରେ ସରପଂଚ ରନ କୁମାର, ସମାଜସେବୀ ପଦାମ୍ବୁଜ ସାହୁ, ଶିକ୍ଷାବିତ୍ ରାଜୀବ ଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିବାବେଳେ ଆଖପାଖ ଅଂଚଳ ଜିରାଙ୍ଗ, ପିଠାଗୋଳା, ବଡପଳାଶପାଳ, ପିଟାପିଟି ଗ୍ରାମର ଜନସାଧାରଣ ଏହି ଏଟିଏମ୍‌ର ସୁବିଧା ଉଠାଇ ପାରିବେ ବୋଲି ପ୍ରକାଶ କରିଛନ୍ତି ।

## ଅଗ୍ନି ଦାଉରୁ ଜଙ୍ଗଲକୁ ରକ୍ଷା ନିମନ୍ତେ ସଚେତନତା ଶିବିର

ନରଣପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ସଂସ୍କୃତି ଭବନ ଠାରେ ସଦର ବନାଞ୍ଚଳ ଅଧିକାରୀ ବିଜୟ ମହାନ୍ତଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଜଙ୍ଗଲରେ ବ୍ୟାପୁଥିବା ନିଆଁକୁ କିପରି ପ୍ରତିହତ କରାଯିବ ଏଥିନିମନ୍ତେ ଭିଏସ୍‌ଏସ୍ କମିଟି ସଭ୍ୟ ମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ଶିବିରରେ କିପରି ଜଙ୍ଗଲକୁ କିପରି ନିଆଁ ଦାଉରୁ ସୁରକ୍ଷିତ ରଖାଯାଇପାରିବ ଏବଂ ତା' ପାଇଁ କଣ ପଦକ୍ଷେପ ନିଆଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ବର୍ତ୍ତମାନ ଅସହ୍ୟ ଗରମ ଗୁଳୁଗୁଳି ସହିତ ଗ୍ରୀଷ୍ମ ପ୍ରବାହ ବଢି ବଢି ଚାଲିଛି । ତତ୍‌ସହିତ କିଛି ଅସାଧୁ ବ୍ୟକ୍ତି



ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି । ବନ୍ୟଜନ୍ତୁ, ପଶୁପକ୍ଷୀ, କୀଟତରୁ ସହୁ କଷ୍ଟ ସହିନପାରି ଜଙ୍ଗଲ ଛାଡୁଛନ୍ତି । ସେ ଦିଗରେ ବ୍ୟାପକ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବନ ସୁରକ୍ଷା କମିଟିର କର୍ମକର୍ତ୍ତାଙ୍କ ସମେତ ଏ.ସି.ଏଫ୍. ଘନଶ୍ୟାମ ମହାନ୍ତ, ରେର ବିଜୟ କୁମାର ମହାନ୍ତ, ନେଲୁଙ୍ଗ ଗ୍ରାମ ପଂଚାୟତର ସରପଞ୍ଚ ଚନ୍ଦ୍ରମଣି ସିଂ, ଧରଣୀଧର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନବିହାରୀ ମିଶ୍ର ଓ କେନ୍ଦୁଝର ରେ ର ସମସ୍ତ ବନକର୍ମଚାରୀମାନେ ଯୋଗ ଦେଇଥିଲେ । ତେବେ ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷାର ବାର୍ତ୍ତା ସଭିଁଙ୍କୁ ପ୍ରଦାନ କରାଯାଇଥିଲା ।

## ସାମ୍ବାଦିକ ମହେନ୍ଦ୍ର ପରିଡାଙ୍କ ଅକାଳ ବିୟୋଗ

ପାରାଦୀପ,(ପି.ଏନ): ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ ମହେନ୍ଦ୍ର ପରିଡା (ପପୁ)ଙ୍କର ଗୁରୁବାର ଦିନ ୪୧ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ସ୍ୱର୍ଗତ ପରିଡା ପ୍ରଥମେ ଦୈନିକ ସମ୍ବାଦପତ୍ର ପ୍ରଗତିବାଦୀର ପାରାଦୀପ ପ୍ରତିନିଧି ଭାବେ କାର୍ଯ୍ୟକରି ବେଶ୍ ପ୍ରଶଂସାର ପାତ୍ର ହୋଇ ପାରିଥିଲେ । ଏହା ପରେ ଦୈନିକ ସମ୍ବାଦପତ୍ର ସର୍ବସାଧାରଣର ପ୍ରତିନିଧି ଭାବେ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । ୧୯୮୨ ମସିହାରେ ଜନ୍ମିତ ସ୍ୱର୍ଗତ ପରିଡା ପାରାଦୀପରେ ତାଙ୍କର ଶିକ୍ଷା ସମାପ୍ତ କରିବା ପରେ ସାମ୍ବାଦିକତାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ । ସେ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକଙ୍କ ପାରାଦୀପ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ଅକାଳ ବିୟୋଗରେ ପାରାଦୀପର ସବୁ ବର୍ଗର ଲୋକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି । ପାରାଦୀପର କାର୍ଯରତ ସାମ୍ବାଦିକମାନେ ତାଙ୍କର ଅକାଳ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୁକ୍ରବାର ଦିନ ସ୍ୱର୍ଗତ ପରିଡାଙ୍କ ମୃତ ଦେହ ପାରାଦୀପସ୍ଥିତ ତାଙ୍କ ବାସଭବନରେ ପହଂଚିବା ପରେ ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୂର୍ବତନ ସାଂସଦ ଡା.କୁଳମଣି ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତ ଦେହରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପାରଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ରହି ଶୋକବ୍ୟକ୍ତ କରିବା ସହିତ ଅନ୍ତିମ ବିଦାୟ ଜଣାଇଥିଲେ । ସ୍ୱର୍ଗତ ପରିଡାଙ୍କ ପୈତୃକ ଘର ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ କୋଠିଆ ସାହି ଗ୍ରାମରେ ।

## ବିଜେଡିର ମହିଳା ସମାବେଶ




ଚମ୍ପୁଆ,(ପି.ଏନ): ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ବିଜୁ ଜନତା ଦଳର ଏକ ମହିଳା ସମାବେଶ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ଏନ୍.ଏ.ସି ଅଧ୍ୟକ୍ଷ ତଥା ବିଜୁ ଜନତା ଦଳର ଜଣେ ବିଚିକ୍ଷଣ ନେତା ଭାବେ ପରିଚିତ ଗିରିଜା ଶଙ୍କର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହିଳା ସମାବେଶରେ ବିଭିନ୍ନ ସ୍ଥାନରୁ ପ୍ରାୟ ୨୫ ଶହରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ । ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବିଧାୟୀକା ମିନାକ୍ଷୀ ମହାନ୍ତ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲା ପରିସଦ ଅଧକ୍ଷା ସାଗରୀକା ସାହୁ, ଜିଲା ସଭାପତି ମାଧବ ସରଦାର, ଯୋଡା ମୁନିସିପାଲିଟି ଚେୟାରମ୍ୟାନ ଜଗଦିଶ ସାହୁ, ଉପାଧ୍ୟକ୍ଷା ସଂଧ୍ୟାରାଣୀ ପାତ୍ର, ଉପଧକ୍ଷା ଚମ୍ପୁଆ ସୁମିତ୍ରା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଜୁ ବାବୁଙ୍କ ସ୍ୱପ୍ନକୁ ପୁରଣ କରିବାକୁ ଯାଇ ମହିଳାଙ୍କୁ ସ୍ୱାବଲମ୍ବି କରିବା ପାଇଁ ଓଡିଶାର ମୁଖ୍ୟ ମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମ ନବିନ ପଟ୍ଟନାୟକଙ୍କ ପ୍ରଚେଷ୍ଟା ଉପରେ ଅତିଥି ମାନେ ମତ ଦେଇଥିବା ବେଳେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା, ମହିଳାଙ୍କୁ ରୋଜଗାର, ସ୍ୱୟଂସହାୟକା ଗୋଷ୍ଠମାଧ୍ୟମରେ ମହିଳାଙ୍କର ଉନ୍ନତି କରଣ ଏବଂ ଆର୍ଥିକ ସଦୃଢ଼ତା ଉପରେ ପ୍ରଣୟନ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଇବା ସହିତ ବିଜୁ ଜନତା ଦଳ ମହିଳାଙ୍କ ଉପରେ ଗୁରୁତ୍ୱ ଦେଉଥିବା ସୂଚନା ଦେଇଥିଲେ । ଅଧ୍ୟକ୍ଷ ଶ୍ରୀ ସାହୁ ଗାଁ କୁ କାମ ମାଁ କୁ ସମ୍ମାନ ବିଜୁ ଜନତା ଦଳର ପ୍ରମୁଖତା ରହିଥିବା ବେଳେ ମହିଳା ସଶକ୍ତି କରଣ ମାଧ୍ୟମରେ ଉନ୍ନତିର ଶିଖର ସୀମାରେ ମହିଳାଙ୍କୁ ପହଁଚାଇବା ପାଇଁ ଦଳ ପ୍ରତିସ୍ରୁତି ବଦ୍ଧ ବୋଲି ସୂଚନା ଦେଇଥିଲେ ।

## ଅବିବାହିତା ଚାନ୍ଦିନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି

ପଣ୍ଡାପଡା,(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସିବାରିଗାଁ ପଂଚାୟତର ବାଇଜାପଡା ଗ୍ରାମର ଚାନ୍ଦିନୀ ନାଏକ (୪୨) ଅବିବାହିତା ଅଛନ୍ତି । ପିରବାର କହିଲେ ବାପା ଆଜିକୁ ୬ ବର୍ଷ ହେବ ଆରପାରିରେ, ମା' ୧୦ ବର୍ଷ ହେବ ବିଛଣାରେ ପଡି ରହିଛନ୍ତି ଏବଂ ସାନ ଭଉଣୀର ମୁଣ୍ଡ ଦୋଷ ଥିବାରୁ ସେ କୁଆଡେ କେତେବେଳେ ଯାଉଛନ୍ତି ଜାଣିପାରୁ ନାହାଁନ୍ତି । ଦୁଇଭାଇ ଥିଲେ ମଧ୍ୟ ଏହି ଦୁଇଭଉଣୀ ଏବଂ ମା'ଙ୍କୁ ସେମାନେ ପଚାରୁ ନାହାଁନ୍ତି । ଏପରି ପରିସ୍ଥିତିରେ ଏପଟେ ସାନଭଉଣୀଙ୍କୁ ଦେଖିବେ ନା ସେପଟେ ମା'ଙ୍କ କଥା ବୁଝିବେ ସେ ଚିନ୍ତାରେ ପଡିଛନ୍ତି । ରୋଜଗାର କହିଲେ କିଛି ନାହିଁ । ରହିବା ପାଇଁ ଭଲ ଘର ଖଣ୍ଡିଏ ମଧ୍ୟ ନାହିଁ । ସରକାରଙ୍କ ତରଫରୁ ମିଳୁଥିବା ଅବିବାହିତା ଭତ୍ତା ସହ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray